ସକାଳ THE SAKALA



### ଲୋକ ମହୋତ୍ସବ ଆୟୋଜନର ଦିଗ କୁଆଡ଼େ

# କିଏ କାହାକେ ଚଟ୍‌କନ୍ ମାରଲା ?

**ବଲାଙ୍ଗିର, ୧୨।୧(ସମିସ)**

ଜିଲ୍ଲାର କଳାକାର, କଳାପ୍ରେମୀଙ୍କ ପାଇଁ ଶ୍ରେଷ୍ଠ ମଞ୍ଚ ଲୋକ ମହୋତ୍ସବ। ସମସ୍ତେ ଏହାକୁ ଆତୁରତାର ସହ ଅପେକ୍ଷା କରି ରହିଥାନ୍ତି। ଚଳିତବର୍ଷ ଲୋକ ମହୋତ୍ସବ ପ୍ରସ୍ତୁତି ଆରମ୍ଭରୁ ବିବାଦ ଘେରରେ

## ଏକପାଖିଆ ନିଷ୍ପତ୍ତି ବିରୋଧରେ ଧାରଣାରେ ବସିଲେ ମିଳିତ ଯୁବ ସଂଗଠନ

ଛନ୍ଦି ହୋଇଛି। ବିନା କୌଣସି ସୂଚନାରେ ଲୋକ ମହୋତ୍ସବର ପ୍ରସ୍ତୁତି ବୈଠକକୁ ବଲାଙ୍ଗିରର ମିଳିତ ଯୁବ ସଙ୍ଗଠନ ବିରୋଧ କରିଛନ୍ତି। ତେବେ 'କିଏ କାହାକେ ଚଟ୍‌କନ୍ ମାର୍‌ଲା' ସେ ଚର୍ଚ୍ଚାରେ ଲୋକ ଉତ୍ସବ ପ୍ରସ୍ତୁତିର ଦୁଇଟି ବୈଠକ ସମାପନ ହୋଇଛି।

ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲୋକ ମହୋତ୍ସବର ପ୍ରସ୍ତୁତି ବୈଠକ ବସିଥିଲା। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ବିନା କୌଣସି ସୂଚନାରେ



ଭିତିରିଆ ପ୍ରସ୍ତୁତି ବୈଠକ ଚାଲିଥିବା ଜାଣିବା ପରେ ବଲାଙ୍ଗିରର ଯୁବ ସଂଗଠନମାନେ ମିଳିତ ଭାବରେ ଏହାକୁ ବିରୋଧ କରିଥିଲେ। ସଂସ୍କୃତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାପରେ ସନ୍ଧ୍ୟାରେ କୋଶଳ କଳାମଣ୍ଡଳ ପଡ଼ିଆରେ ପୁଣି ଏକ ବୈଠକର ଆୟୋଜନ କରାଯାଇଥିଲା। ଏହି ବୈଠକରେ ଲୋକ ମହୋତ୍ସବ କମିଟିର କର୍ମକର୍ତ୍ତା ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରଥମ ବୈଠକ ବିରୋଧରେ ଯୁବକମାନେ ପ୍ରଶ୍ନ ଉଠାଇବାରୁ କମିଟିର କର୍ମକର୍ତ୍ତାମାନେ କହିଥିଲେ ଯେ ଯେହେତୁ ଆମ ପାଖରେ ବହୁତ କମ୍ ସମୟ ଅଛି ଓ ବିଗତ ବର୍ଷ ଅପେକ୍ଷା ଏଥର ଅନୁଦାନ କମ୍ ମିଳିବ ତେଣୁକରି ପୁରୁଣା କମିଟିକୁ ନେଇ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଥିଲା। ତେବେ ଏଠି ପ୍ରଶ୍ନ ଉଠେ ଯେ ଲୋକ ମହୋତ୍ସବ ଆୟୋଜନରେ ଡେରି କଲା କିଏ ? ଠିକ୍ ସମୟରେ କାର୍ଯ୍ୟକ୍ରମ କରିବାକୁ କମିଟିର କର୍ମକର୍ତ୍ତାମାନେ ପ୍ରଶାସନକୁ ଜଣାଇଲେ ନାହିଁ କାହିଁକି ? ଯଦି ପୁରୁଣା କମିଟିର କର୍ମକର୍ତ୍ତା ମାନଙ୍କୁ ନେଇ ବୈଠକ ବସିଥିଲା ବୋଲି କୁହାଗଲା ଏହି ବୈଠକରେ ସମସ୍ତ ପୁରୁଣା ସଦସ୍ୟ ଉପସ୍ଥିତ ଥିଲେ କି ? ଲୋକ ମହୋତ୍ସବ ସର୍ବସାଧାରଣଙ୍କ ପାଇଁ ତେଣୁକରି ଏହାକୁ ନିର୍ଦ୍ଦିଷ୍ଟ ସୀମାରେ ଆବଦ୍ଧ କରି ରଖିବା ପରିବର୍ତ୍ତେ ସାର୍ବଜନୀନ କରିବାକୁ ପ୍ରୟାସ କଲେ ଅଶାତୀତ ସଫଳତା ମିଳିବ ବୋଲି ଯୁବକମାନେ ମତବ୍ୟକ୍ତ କରିବା ସହିତ ସେମାନଙ୍କୁ ୯୦ ପ୍ରତିଶତ ଦାୟିତ୍ୱ ଦିଆଯାଉ ବୋଲି ଦାବି କରିଥିଲେ। ଅନେକ ଏହାକୁ ସମର୍ଥନ କରିଥିଲେ ହେଁ ଆଉ ଏକ ବୈଠକ ଡାକି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଥିଲା। ଲୋକ ମହୋତ୍ସବର ପ୍ରଚାରପ୍ରସାର ପାଇଁ ଗଣମାଧ୍ୟମକୁ ପ୍ରତିବର୍ଷ ଦାୟିତ୍ୱ ଦିଆଯାଉଥିଲେ ହେଁ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି କିମ୍ବା ସାଧାରଣ ସମ୍ପାଦକଙ୍କୁ ମଧ୍ୟ ସୂଚନା ଦିଆଯାଇ ନଥିଲା। ଯାହାକୁ ନେଇ ସାମ୍ବାଦିକ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି।

## ୭ ରୁ ୧୧ ଲୋକମହୋତ୍ସବର ପ୍ରସ୍ତୁତି ଆରମ୍ଭ

**ବଲାଙ୍ଗିର, ୧୨।୧ (ସମିସ):** ୨୨ତମ ବଲାଙ୍ଗିର ଲୋକ ଉତ୍ସବ ପାଇଁ ଆଜି ପ୍ରସ୍ତୁତି ବୈଠକ ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥର ଫେବୃଆରୀ ୭ରୁ ୧୧ ଯାଏଁ ମହୋତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ସ୍ୱାଗତ କରିଥିଲେ। ଖର୍ଚ୍ଚ ବାବଦରେ ହିସାବ ପରେ ଲୋକ ଉତ୍ସବକୁ ବୁଦ୍ଧିଜୀବୀ ତଥା ଲୋକଙ୍କ ଦ୍ୱାରା କରାଯାଉ ବୋଲି ପ୍ରସ୍ତାବକୁ ନେଇ ସମସ୍ତେ ରାଜି ହୋଇଥିଲେ। ଏକ କୋର କମିଟି ଗଢିବା ସହ ବିଭିନ୍ନ ସବ କମିଟି ଗଠନ ହୋଇଥିଲା। ସମସ୍ତ ସବ କମିଟିର ସଭାପତି ବଛାଯିବା ସହ ଜିଲ୍ଲାପାଳଙ୍କୁ ଏକ୍ସ ଅଫିସିଓ ଅଧ୍ୟକ୍ଷ ବଛା ଯାଇଥିଲା। ଏହି କୋର କମିଟି ସମ୍ପୂର୍ଣ୍ଣ ମହୋତ୍ସବ ଭାର ସମ୍ଭାଳିବ। ଫାଇନାନ୍ସ ସବକମିଟିର ସଭାପତି ଶ୍ରୀକର ମିଶ୍ର ମନୋନୀତ ହୋଇଥିବା ବେଳେ ସ୍ମରଣିକା କମିଟି ଅଧ୍ୟକ୍ଷ ରୂପେ ସନ୍ଦୀପ କୁଅଁର, ପବ୍ଲିସିଟି କମିଟି ସଭାପତି ବୀରେନ୍ଦ୍ର ଝାଙ୍କର, ପଡିଆ ମ୍ୟାନେଜମେଣ୍ଟର ସଭାପତି ଗୋପାଳ ପ୍ରଧାନ, ଖାଦ୍ୟ କମିଟି ସଭାପତି ସୋମନାଥ ମିଶ୍ର, ସେମିନାରର ସଞ୍ଜୟ ମିଶ୍ର ମନୋନୀତ ହୋଇଥିଲେ। ସଂସ୍କୃତି କମିଟିର ବାସୁଦେବ ସା, ରିସେପସନ କମିଟିର ଚିତ୍ତରଞ୍ଜନ ଦାଶ ସଭାପତି ରୂପେ ମନୋନୀତ ହୋଇଥିବା ବେଳେ ଷ୍ଟେଜ କମିଟି ମୁଖ୍ୟ ଭାବେ ସଙ୍ଗୀତା ଦାଶ , ରାମ ପ୍ରସାଦ ଦାଶ ମନୋନୀତ ହୋଇଛନ୍ତି। ଏହି ସମୟରେ ପଲ୍ଲିଶ୍ରୀ ମେଳାର ମଜା ଲୋକ ନେଇପାରିବେ। ଅତିରିକ୍ତ ଜିଲ୍ଲାପାଳ ଲମ୍ବୋଦର ଧରୁଆ ଏବଂ ମହେନ୍ଦ୍ର ମହାପାତ୍ର, ମୁଖ୍ୟ ଉନୟନ ଅଧିକାରୀ ସୁଶାନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ନଦୀ କୂଳରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର

**ବଲାଙ୍ଗିର,୧୨।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିକଟସ୍ଥ ମେଣ୍ଢା ଗ୍ରାମ ପଞ୍ଚାୟତ ଦେଉଳପଦର ଗ୍ରାମ ସୁକତେଲ ନଦୀ ପୁଆ ପୋଲ ତଳେ ଜଣେ ଯୁବତୀଙ୍କ ଶବ ଉଦ୍ଧାର ହୋଇଛି। ଗ୍ରାମର ଛୁଆ ମାନେ ଖେଳୁଥିବା ସମୟରେ ଏକ ପଚା ଶବ ପଡିଥିବା ଦେଖିଥିଲେ। ଏ ବିଷୟରେ ଗ୍ରାମବାସୀ ଖବର ପାଇ ଘଟଣାସ୍ଥଳରେ ରୁଣ୍ଡ ହେବା ପରେ ମେଣ୍ଢା ପୁଲିସ ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ଶବକୁ ଉଦ୍ଧାର କରି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲା। ହସ୍ପିଟାଲରେ ଶବଟି ପାଖାପାଖି ଜଣେ ୨୫ ବର୍ଷୀୟା ଯୁବତୀର ବୋଲି ଚିହ୍ନଟ ହୋଇଥିବା ବେଳେ ଉକ୍ତ ଶବଟି ପାଖାପାଖି ୫୦ ଦିନ ପୂର୍ବର ହୋଇଥିବା ଜଣାପଡିଥିଲା। ପରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ପୁଲିସ ପକ୍ଷରୁ ଶେଷ ସତ୍କାର ନିମନ୍ତେ ଯୋଗାଯୋଗ କରାଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ, ଲିଙ୍କନ ସେଠ, ସୁବାସ ବାଗ, ତନ୍ମୟ ପୁଟେଲ, ବୁଲୁ ସରଭଙ୍ଗ ପ୍ରମୁଖ ମେଣ୍ଢା ପୁଲିସ ଏସ୍.ଆଇ ରବୀନ୍ଦ୍ର ସାହୁ, କନେଷ୍ଟବଳ ସଂକୀର୍ତ୍ତନ ଭୋଇ ଏବଂ ଅକ୍ରୁର ସୁନାଙ୍କ ଉପସ୍ଥିତିରେ ଶବ ସତ୍କାର କରାଯାଇଥିଲା। ମାଟି ଖୋଳିବା ପାଇଁ ଜେସିବି ଯୋଗାଇବାରେ ମନୋଜ ଦୀପ ସହଯୋଗ କରିଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

**ବଲାଙ୍ଗିର, ୧୨।୧(ସମିସ):** ବଲାଙ୍ଗିର ସହରସ୍ଥିତ ଶାନ୍ତିପଡ଼ାରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଶାନ୍ତିପଡ଼ାର ଖେତୁ ଓରଫ ଓମପ୍ରକାଶ ସାହୁ ବୋଲି ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାରେ ଘରେ ସେ ନିଜ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ କୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିବା ବେଳେ ଆତ୍ମହତ୍ୟାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ବସ୍ ଧକ୍କାରେ ଶିକ୍ଷକ ଗୁରୁତର

**ସଇଁତଲା, ୧୨।୧(ସମିସ):** ସଇଁତଲା ବ୍ଲକ ନବୀନ ଛକଠାରେ ବସ ଦୁର୍ଘଟଣାରେ ଜଣେ ଶିକ୍ଷକ ଗୁରୁତର ହେବା ସହ ବାଇକ ମଧ୍ୟ ଭାଙ୍ଗିଥିବା ବେଳେ ଆଉ ଏକ ଇଣ୍ଡିକା ଗାଡିକୁ ମଧ୍ୟ ବସ ଧକ୍କା ଦେଇଥିଲା। ଏନେଇ ସଇଁତଲା ଥାନାରେ ଶିକ୍ଷକ ଜଣକ ଅଭିଯୋଗ କରିଥିବା ଜଣାପଡିଛି। ଶିକ୍ଷକ ତାମ୍ର ଭୋଇ ଓ ଗଣେଶ ଭୋଇ ଦୁହେଁ ଏକ ବାଇକ ଯୋଗେ ବସଷ୍ଟାଣ୍ଡକୁ ଆସୁଥିବା ବେଳେ ଏହାର ପଛପଟୁ ଏକ ଘରୋଇ ବସ ଧକ୍କା ଦେବା ଫଳରେ ଶିକ୍ଷକ ତାମ୍ରଙ୍କ ଗୋଡ଼ ଭାଙ୍ଗି ଯାଇଛି। ବସ ଫେରାର ମାରିବା ବେଳେ ଆଉ ଏକ ଇଣ୍ଡିକା କାରକୁ ଧକ୍କା ଦେଇଥିଲା। ଡ୍ରାଇଭର ବସ ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲା। ପରେ ପୁଲିସ ତଦନ୍ତ ଚଳାଇଛି।

## ଚାଷୀଙ୍କ ଲକ୍ଷାଧିକ ଟଙ୍କା ଅଭିନବ ଉପାୟରେ ଲୁଟିନେଲେ

**ପାଟଣାଗଡ଼, ୧୨।୧ (ସମିସ):** ପାଟଣାଗଡ ଏନ୍‌ଏସି ଅନ୍ତର୍ଗତ ୨ ନମ୍ବର ବିଦେଶୀ



ମଦଦୋକାନ ସମ୍ମୁଖରୁ ବାଇକ ଡିକି ଖୋଲି ଜଣେ ଚାଷୀଙ୍କ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କିଛି ଦୁର୍ବୃତ୍ତ ଏକ କଳା ପଲ୍‌ସର ବାଇକ୍‌ରେ ଆସି ଏହି ଲୁଟ୍ କରିଥିବା ଚାଷୀ ଜଣକ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ଦୋକାନ ସମ୍ମୁଖରେ ଥିବା ସିସିଟିଭି ସହ ସହରରେ ଥିବା ଅନ୍ୟାନ୍ୟ ସିସିଟିଭି ମାନ ଯାଞ୍ଚ କରୁଥିବା ଜଣାପଡ଼ିଛି। ଲରମ୍ଭା ଥାନା ବାଗମୁଣ୍ଡ ଗାଁର ଚାଷୀ ପେଚା ସାହୁ ପାଟଣାଗଡ ଷ୍ଟେଟବ୍ୟାଙ୍କକୁ ତାଙ୍କ ଧାନ ବିକ୍ରି ଟଙ୍କା ଉଠାଣ ପାଇଁ ଆସିଥିଲେ। ଚାଷୀ ଜଣକ ୧ଲକ୍ଷ ୨୫ ହଜାର ଟଙ୍କା ଉଠାଇବାପରେ ସେ ରାମପୁରଠାରେ ଥିବା ଉକ୍ତ ଦୋକାନ ସମ୍ମୁଖରେ ନିଜ ଗାଡିକୁ ରଖିବା ସହ ନିକଟରେ ଥିବା ଏକ ମୋଟର ସାଇକଲ ଦୋକାନକୁ ନିଜ ବାଇକରେ ଏକ ସିଟ୍ କଭର ଲଗାଇବା ପାଇଁ ଯାଇଥିଲେ। ପରେ ସେ ଧରିଥିବା ଟଙ୍କା ବ୍ୟାଗ ଗାଡି ଡିକି ଭିତରେ ରଖିଥିଲେ। ପୂର୍ବ ଯୋଜନା ମୁତାବକ, ଚାଷୀଙ୍କ କହିବାନୁସାରେ, ଦୁର୍ବୃତ୍ତମାନେ ତାଙ୍କ ବାଇକ୍‌ର ଏକ୍ସିଲେଟର୍‌ରେ କୌଣସି ଏକ ତରଳ ପଦାର୍ଥ ଲଗାଇଦେଇଥିଲେ। ଚାଷୀ ଜଣକ ତାହାକୁ ଧୋଇବା ପାଇଁ ନିକଟରେ ଥିବା ଏକ ଦୋକାନକୁ ପାଣି ଆଣିବା ପାଇଁ ଯାଇଥିଲେ। ଠିକ ଏହି ସମୟରେ ରାମପୁର ପଟୁ ଏକ କଳା ରଙ୍ଗର ପଲସରରେ ୩ ଜଣ ଆସି ଡିକି ଖୋଲି ଟଙ୍କା ବ୍ୟାଗ ଧରି ଫେରାର ମାରିଥିଲେ।

## ଅର୍ପଣ ରଥ ଡ୍ରାଇଭରକୁ ଆକ୍ରମଣ; ଯୁବକ ଅଟକ

**ଦେଓଗାଁ, ୧୨।୧(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହାରେ ଅର୍ପଣ ରଥର ଡ୍ରାଇଭରକୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରୁ ପରିକ୍ରମା ଅର୍ପଣ ରଥ ବାହାରି ଉଡାର ପଞ୍ଚାୟତ ବୁଲି ସାରିବାପରେ ଅପରାହ୍ନରେ ଜରାସିଂହାକୁ ପହଞ୍ଚିଥିଲା। ଜରାସିଂହାରେ ଜଣେ ଯୁବକ ହଠାତ ପରିକ୍ରମା ରଥ ଗାଡି ପାଖକୁ ଆସି ଡ୍ରାଇଭର ମୁକେଶ ବଗର୍ତ୍ତିକୁ ଗାଳି ଗୁଲଜ କରିବାସହ ମାଡ ମାରିଥିବା ଅଭିଯୋଗ ହୋଇଛି। ଦେଓଗାଁ ବ୍ଲକରେ ଶୁକ୍ରବାର ପରିକ୍ରମା ରଥ ଚତୁର୍ଥ ଦିନରେ ପହଞ୍ଚିଛି। ଏହା ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଅଟେ। କାହିଁକି ଓ କାହା ପ୍ରରୋଚନାରେ ଉକ୍ତ ଯୁବକ ପରିକ୍ରମା ରଥ ଗାଡିର ଡ୍ରାଇଭରକୁ ଆକ୍ରମଣ କଲା ତାହା ତଦନ୍ତ ସାପେକ୍ଷ। ଦେଓଗାଁ ଥାନାଧିକାରୀ ଘଟଣାସ୍ଥଳକୁ ପହଞ୍ଚି ଆକ୍ରମଣ କରିଥିବା ଯୁବକ ସୁଶାନ୍ତ ପଥିମାଲିକୁ ଥାନାକୁ ଆଣି ଅଟକ ରଖି ପୁଲିସ ପଚରାଉଚରା ଜାରି ରଖିଛନ୍ତି। ଏନେଇ ବିଡିଓ କ୍ଷମାନିଧି ଭୋଇ ଅଭିଯୁକ୍ତ ନାଁରେ ଏତଲା ଦିଆଯିବ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଏହି ଘଟଣାକୁ ସ୍ଥାନୀୟ ଡ୍ରାଇଭର ସଂଘ ନିନ୍ଦା କରିଛି। ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଯଦି ଆକ୍ରମଣକାରୀ ଯୁବକକୁ ଗିରଫ ନ କରାଯାଏ ତାହେଲେ ଷ୍ଟେରିଂ ଛାଡ ଆନ୍ଦୋଳନ ଶନିବାରଠାରୁ କରାଯିବ ବୋଲି ଦେଓଗାଁ ଡ୍ରାଇଭର ସଂଘର ସଭାପତି ଲାଲୁ ସାଗର କଡା ଚେତାବନୀ ଦେଇଛନ୍ତି।

## ଲୋଇସିଂହାରେ ବୁଲିଲା ଅର୍ପଣ ରଥ

**ଲୋଇସିଂହା, ୧୨।୧(ସମିସ):** ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପ ଉପଲକ୍ଷେ ଲୋଇସିଂହାରେ ଘରକୁ ଘର ବୁଲି ଚାଉଳ ସଂଗ୍ରହ କରାଯାଇଥିଲା। ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଅର୍ପଣ ରଥ ଗାଁରେ ବୁଲିଥିଲା। ବିଭିନ୍ନ ପଡ଼ାକୁ ଯାଇ ଚାଉଳ ଓ ଗୁଆ ସଂଗ୍ରହ ହୋଇଥିଲା। ବିଡିଓ ଯୁଧିଷ୍ଠିର ମେହେର, ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଲିଳିମା ବେହେରା ଓ ସଂଯୁକ୍ତା ବରିହା ସମେତ ଲୋଇସିଂହା ବ୍ଲକର ଅନେକ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ସଂକୀର୍ତ୍ତନମଣ୍ଡଳୀ, ଜୟଜଗନ୍ନାଥ ଧ୍ୱନି ଓ ମହିଳାଙ୍କ ହୁଳହୁଳିରେ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।



## ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିବେକାନନ୍ଦଙ୍କ ଜୟନ୍ତୀ

**ଟିଟିଲାଗଡ଼/ସଇଁତଲା, ୧୨।୧(ସମିସ):** ଶୁକ୍ରବାର ଟିଟିଲାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳନ କରାଯାଇଛି। ସହରର ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଭିକାରୀ ଚରଣ ମିଶ୍ର ମୁଖ୍ୟଅତିଥି ରୂପେ ଶିଶୁଙ୍କ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ସଭାପତି ଜ୍ୟୋତିପ୍ରକାଶ ଗଡାତ୍ୟା ଉତ୍ସାହ ସୃଷ୍ଟି କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଭାଇଭଉଣୀ ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସହ ପ୍ରଧାନଆଚାର୍ଯ୍ୟ ନୃପରାଜ ସେଠ ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ଆଚାର୍ଯ୍ୟ ପଙ୍କଜ ବେହେରା ପରିଚାଳନା କରିଥିଲେ। ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପ୍ତ ହୋଇଥିଲା।

ସଇଁତଲା ବିବେକାନନ୍ଦ ପାଠାଗାରରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ମୁଖ୍ୟବକ୍ତା ଭାବରେ ଗୋଳାବାରୁଦ କାରଖାନା ବିଦ୍ୟାଳୟର ଇଂରାଜି ଶିକ୍ଷକ ରାଜମଣି ସାହୁ, ସଭାପତି ଭୀମସେନ ସ୍ୱାଇଁ, ସମ୍ପାଦକ





ହେମସାଗର ସାହୁ ଯୋଗ ଦେଇଥିଲେ। ଶିକ୍ଷାବିତ ଯୁଗଳ କିଶୋର ପଟ୍ଟନାୟକଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ହେମସାଗର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କବି ପ୍ରମୋଦ ବୈଠାରୁ, କବି ସୁବାସ ରଥ ଓ କବି ପ୍ରଦୀପ ଜାଲ ନିଜ ନିଜ କବିତା ପଠନ କରିଥିଲେ। ବ୍ୟଙ୍ଗକବି ପ୍ରମୋଦ ବୈଠାରୁ, ବେନିଆବିନ ତାଣ୍ଡି, ସତ୍ୟବାନ ରଥ, ବନବିହାରୀ ସାହୁ, ଶିବ ନାଗ, ପ୍ରଶାନ୍ତ ବଗର୍ତି, ପ୍ରଦୀପ ଜାଲ, ପରମା ବେହେରା, ଆହ୍ଲାଦିନି ଦାସ, ପ୍ରମୋଦ ଅଗ୍ରୱାଲ, ରୋହିତ ସାହୁ, ଦିଲୀପ ବଗର୍ତି, ଟଙ୍କଧର ସାହୁ ବିନୟ ଭୋଇ, ସୁବାସ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସରୋଜ ବୈଠାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଣ ସଂକ୍ରାମକ ରୋଗ ଚିହ୍ନଟ ଶିବିର

**ତୁରେକେଲା, ୧୨।୧ (ସମିସ):** କଣ୍ଟାବାଞ୍ଜି ସହରର ସରକାରୀ ନୋଡାଲ ସ୍କୁଲରେ ବଲାଙ୍ଗିର ରାଜେନ୍ଦ୍ର ଯୁବ ସଂଘ ଦ୍ୱାରା ପରିଚାଳିତ ସହରାଞ୍ଚଳ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଅଣସଂକ୍ରମକ ରୋଗ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମେଡିକାଲ ଅଫିସର ଡା. ବିଜୟ ଗୁପ୍ତା ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡା. ମଳୟ ମେହେର, ଫାର୍ମାସିଷ୍ଟ ଭବାନୀଶଙ୍କର ବନଛୋର, ଲେବ ଟେକନିସିଆନ ଜୟଦେବ ଗହିର, କୋଡିନେଟର ସୂରଜ ମେହେର, ଆଟେଡିନ ସୁବ୍ରତ କମ୍ପ, ଷ୍ଟାଫ ନର୍ସ ପ୍ରଭାତ ଛତ୍ରିଆ, ନିକିତା ପ୍ରଧାନ, ପ୍ରଣତୀ ବାଗ, ଅତୁଲ୍ୟ ଡାଙ୍ଗ, ଅଙ୍ଗନବାଡ଼ି କର୍ମୀ ନିର୍ମଳା ତିୱାରୀ, ତୁରେଶ୍ୱର ନାଏକ, ସୁଶୀଳା ବେହେରା, ଜ୍ୟୋତି ବାଗ, ଆଶା କର୍ମୀ, କୁନ୍ତି ବେହେରା, ମାନସୀ ବିଶ୍ୱାଳ, ସବିତା ତାଣ୍ଡି, ପ୍ରେମକାନ୍ତି ବେହେରା, ସୀତା ବେହେରା, ଦୀପା ପୁଟେଲ ପ୍ରମୁଖ ପରିଚାଳନା କରିଥିଲେ।

## ସାହାଜବାହାଲରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ବଲାଙ୍ଗିର, ୧୨।୧(ସମିସ): ଜଗନ୍ନାଥ ଡିଗ୍ରୀ କଲେଜରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଯୋଜିତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପରିଚାଳନା କମିଟିର ସଦସ୍ୟ ଚିତ୍ରସେନ ବଗର୍ତ୍ତୀ ଉଦ୍‌ଘାଟିତ କରିଥିଲେ। କାର୍ଯ୍ୟକ୍ରମରେ ଜଗନ୍ନାଥ ଭଜନ, କବିତା ପଠନ, ପ୍ରବନ୍ଧ ଲିଖନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗୋବିନ୍ଦ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଅଧ୍ୟାପକ ଶାନ୍ତନୁ ପାତ୍ର, ହିମାଂଶୁ ଶେଖର ବାରିକ, ପ୍ରମୋଦ ବରାଡ, ବାସୁଦେବ ମଲ୍ଲିକ, ଜ୍ୟୋତିର୍ମୟ ତ୍ରିପାଠୀ, ମାନିନୀ ଭୋଇ, ନିକିତା ଥପା, ନିବେଦିତା ପଧାନ ଓ କଲେଜର ଅନ୍ୟାନ୍ୟ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

## ଜାତୀୟ ଯୁବ ଦିବସ

# ଛାତ୍ରଛାତ୍ରୀ ନିଜକୁ ସଂସ୍କାରିତ କରି ଭଲ ନାଗରିକ ହୁଅନ୍ତୁ

**ବଲାଙ୍ଗିର/କଣ୍ଟାବାଞ୍ଜି/ଦେଓଗାଁ, ୧୨।୧(ସମିସ)**

ବଲାଙ୍ଗିରସରକାରୀମହିଳାମହାବିଦ୍ୟାଳୟଠାରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ବିପିନ ବିହାରୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମନୋରଂଜନ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏନଏସଏସ ଅଧିକାରୀ ପ୍ରଫେସର ଅଜିତ ଭୋଇ, ସରକାରୀ ମହିଳା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡ.କୌତୁକ ପନ୍ଦର ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିକାଶ ରଞ୍ଜନ କରଙ୍କ ନେତୃତ୍ୱରେ ଓଡ୍ରାଫ ଅଧିକାରୀ ମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ ତଥା ଅନ୍ୟ ମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଛାତ୍ରୀ ମାନଙ୍କୁ ବିଭିନ୍ନ କୌଶଳ ଉପରେ ବୁଝାଇଥିଲେ। ପୂର୍ବରୁ ସଡ଼କ ସୁରକ୍ଷା ସଚେତନତା ପାଇଁ ଏକ ଶୋଭାଯାତ୍ରା କରାଯାଇଥିଲା। ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ବଳିଆର ସିଂ ବସ୍ତିଆ, ଶମ୍ଭୁପ୍ରସାଦ ଘିବେଲା, ଦୁଃଖିଶ୍ୟାମ ମଲ୍ଲିକ, ସଙ୍କେତ ସାହୁ, ଆଶିଷ ସାହୁ, ପ୍ରମୋଦ ବେହେରା, ସଞ୍ଜୟ ସେଠ, ସତ୍ୟନାରାୟଣ ହୋତା ପ୍ରମୁଖ ସହଯୋଗ କରିଥିଲେ। ଉପସ୍ଥାପିକା ଐଶ୍ୱର୍ଯ୍ୟା ଦାସ ମଞ୍ଚ ପରିଚାଳନା କରିଥିଲେ ।

ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋଟରେ ରେଡ୍ ରିବନ କ୍ଲବ ଓ ୟୁଥ ରେଡକ୍ରସ ଦ୍ୱାରା ଜାତୀୟ ଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ



ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ସନ୍ତୋଷ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ଇଂରାଜୀ ଅଧ୍ୟାପକ ଅର୍ଦ୍ଦେନ୍ଦୁ ମେହେର ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଡ. ଲିଙ୍ଗରାଜ ମେହେର ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବାମଦେବ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟି ଓ ଦର୍ଶନ' ବିଷୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ବିରେନ୍ଦ୍ର ପ୍ରତାପ ତ୍ରିପାଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜେନାରାମ ବରିହା ଦ୍ୱିତୀୟ ଓ ଝରଣା ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ।

କ୍ଲଷ୍ଟର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ତୁରେକେଲା ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଯୁବ ଦିବସ ପାଳନ ଅବସରରେ ଏକ ଗଣଦୌଡ଼ କରାଯାଇଥିଲା। ଶ୍ରୀ ଦାଶ ସ୍ୱାମୀ ବିବେକାନନ୍ଦଙ୍କ ବିଷୟରେ ଉଦାହରଣ ଦେଇ ଯୁବଶକ୍ତିକୁ ଆଗକୁ ବଢ଼ିବାରେ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ଥବ ମହାନନ୍ଦ, ସହକାରୀ ଶିକ୍ଷକ-ଶିକ୍ଷୟିତ୍ରୀ ତଥା କମିଟିର ସଭ୍ୟ-ସଭ୍ୟା ସହଯୋଗ କରିଥିଲେ।

ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଧ୍ରୁବଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡ. ଶଶିଭୂଷଣ ସାହୁ ଓ ସମ୍ମାନଗତ ଅତିଥି ଅଧ୍ୟାପକ ବିଜୟ ଜାଲ, ମଙ୍ଗଲୁ ସାହୁ, ଯୁବ ସମାଜସେବୀ ଶଶିଭୂଷଣ ପାଣିଗ୍ରାହୀ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀ ନିଜକୁ ସଂସ୍କାରିତ କରି ସମାଜରେ ଏକ ଭଲ ନାଗରିକ ଭାବେ ଗଢି ଉଠିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବରେଡକ୍ରସ ୟୁନିଟର କାଉନସେଲର ଅଧ୍ୟାପକ ହେମନ୍ତ ସାହୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ବଳରାମ ପଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ କଲେଜରେ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ।

## ବିଜେପୁରରେ କ୍ରିକେଟ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ଟିଟିଲାଗଡ, ୧୨।୧(ସମିସ):** ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବିଜେପୁର ଖେଳ ପଡିଆରେ ଜୟଜଗନ୍ନାଥ କ୍ରିକେଟ କମିଟି ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ରୌପ୍ୟ ଜୟନ୍ତୀ ଗୁରୁବାର ଉଦଯାପିତ ହୋଇଛି। ଉତ୍ସବରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟଅତିଥି, ବ୍ଲକ ସଭାପତି ବିକାଶ ପାଣିଗ୍ରାହୀ ସମ୍ମାନିତ ଅତିଥି, କଂଗ୍ରେସର ଦେବାନନ୍ଦ ସାହୁ, ଗତିକୃଷ୍ଣ ବଗର୍ତ୍ତି, ଶରତ ବଗର୍ତ୍ତି, ବସନ୍ତ ବଗର୍ତ୍ତି, ବିଘ୍ନେଶ୍ୱର ଭୋଇ, ଅଶୋକ ବଗର୍ତ୍ତି, ବିରଞ୍ଚି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମାଲିଝର ଓ ଚିଙ୍ଗେରମୁଣ୍ଡା ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିବା ବେଳେ ମାଲିଝର୍ ଦଳ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ସିଂ ଭୋଇ ଚାମ୍ପିଅନ ଦଳକୁ ଟ୍ରଫି ପ୍ରଦାନ ସହ ୨୫ ହଜାର ଟଙ୍କା ଦେଇ ସମ୍ବର୍ଦ୍ଧିତ କରିଥଲେ। ସମ୍ମାନିତ ଅତିଥି ଶ୍ରୀ ପାଣିଗ୍ରାହୀ ଉପବିଜେତା ଦଳକୁ ୧୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। କମିଟି ସଭାପତି ଶିବନାରାୟଣ ବଗର୍ତ୍ତି, ସମ୍ପାଦକ ଭୋଦେବ ବଗର୍ତ୍ତି, ଶରତ ବଗର୍ତ୍ତି, ଅଜିତ ବଗର୍ତ୍ତି, ଭୌତିକ ବଗର୍ତ୍ତି, ତୁଷାର ବଗର୍ତ୍ତି, ଗୋବିନ୍ଦ ମାଝୀଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ବିକ୍ରମ କିଶୋର ମହାନ୍ତି
ଅବସରପ୍ରାପ୍ତ ଶିକ୍ଷକ, ଘଣ୍ଟିକଣ, ଅସ୍ତରଙ୍ଗ
ଆବିର୍ଭାବ: ୦୪.୦୭.୧୯୧୬
ତିରୋଧାନ: ୨୬.୦୭.୨୦୨୪
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ଝିଅ- ସବିତା, ଗୀତା, ଜ୍ୱାଇଁ- ପ୍ରତାପ, ପ୍ରଶାନ୍ତ, ନାତି-ନାତୁଣୀ: ମାମୁନି, ପାପୁନି, ଓମ୍, ପରିବାର ଓ ବନ୍ଧୁବର୍ଗ

# ଜ୍ଞାନ ଅର୍ଜନ ସହିତ ଲୁକ୍କାୟିତ ପ୍ରତିଭା ଓ ମାନସିକ ବିକାଶ ଗୁରୁତ୍ୱପୂର୍ଣ୍ଣ

**ଭବାନୀପାଟଣା, ୧୨।୧ (ସମିସ) :** ଛାତ୍ରଟିଏ ଶିକ୍ଷା ସହିତ ଶ୍ରମ ସହିଷ୍ଣୁତା, ଅଜ୍ଞାନୁବର୍ତ୍ତିତା ଓ ଆତ୍ମନିର୍ଭରଶୀଳ ହେବା ଜରୁରୀ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରା ଭିନ୍ନ। ପାଠ ପଢ଼ିବା ସହ ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଯେପରି ହୋଇପାରିବ ସେଥିପ୍ରତି ଛାତ୍ର ସମାଜ ଯତ୍ନବାନ ହୋଇ ପ୍ରତିଭାକୁ ପରିସ୍ଫୁଟନ କରିପାରିଲେ ଜୀବନ ଉଜ୍ଜ୍ୱଳମୟ ହେବାରେ ଡେରି ହେବନି। ସେଥିପାଇଁ ମୁଖ୍ୟମନ୍ତ୍ରୀ 'ନୂଆ-ଓ' କାର୍ଯ୍ୟକ୍ରମ ଜରିଆରେ ପ୍ରତିଭା ବିକାଶକୁ ଗୁରୁତ୍ୱ ଦେଇଛନ୍ତି ବୋଲି ଆଜି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଭବାନୀପାଟଣା ଠାରେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପଡ଼ିଆରେ ୧୨ହଜାର ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ପୂର୍ବାହ୍ନ ୧୧ଟା ୩୦ ମିନିଟ ସମୟରେ ସେ ପୁଲିସ ରିଜର୍ଭ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ସିଧା ବିଶ୍ୱବିଦ୍ୟାଳୟ ପଡ଼ିଆରେ ପହଞ୍ଚି ଯାଇଥିଲେ। ଉତ୍କଣ୍ଠା ଭରା ମନରେ ଅପେକ୍ଷା କରିଥିବା ୧୨ହଜାର ଛାତ୍ର ଛାତ୍ରୀ '୫-ଟି' ଅଧ୍ୟକ୍ଷଙ୍କୁ କରତାଳି ମାଧ୍ୟମରେ ଭରପୁର ସ୍ୱାଗତ କରିଥିଲେ। ସରଳ ଓ ନିର୍ମଳ ଭାବର ମଣିଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କ ବୌଦ୍ଧିକ ବିକାଶ ଏବଂ ଶିକ୍ଷା ସାଙ୍ଗକୁ ସାମଗ୍ରୀକ ବିକାଶକୁ ଧ୍ୟାନଦେଇ 'ନୂଆ-ଓ' କାର୍ଯ୍ୟକ୍ରମକୁ ପ୍ରଣୟନ କରିଛନ୍ତି। ଶିକ୍ଷାର ଆଦର୍ଶ ହେଉଛି ଛାତ୍ର ଜୀବନରେ ଗଭୀର ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମକୁ ବୁଝାଇଥାଏ। ଜ୍ଞାନ ଅର୍ଜନ ଅପେକ୍ଷା ମାନସିକ ଶକ୍ତିର ବିକାଶ ଅଧିକ ଗୁରୁତ୍ୱବହନ କରେ। ନିଜସ୍ୱ ସାମର୍ଥ୍ୟରେ ଦୀପ୍ତିଶାଳୀ ହୋଇ ବାପା ମା ଓ ଗୁରୁଜନଙ୍କ ଇଚ୍ଛା ଅଭିଳାଷକୁ ପୂରଣ କରିପାରିଲେ ଯୁବକତ୍ୱରେ ଜୀବନ ସାର୍ଥକ ବୋଲି କୁହାଯାଇପାରିବ। ପ୍ରଗତି କହିଲେ ଉତ୍ତରୋତ୍ତର ଉନ୍ନତିକୁ ବୁଝାଇଲେ ମଧ୍ୟ ଜ୍ଞାନ କୌଶଳର ବିକାଶ ସହିତ କ୍ରୀଡ଼ା, ସାଂସ୍କୃତିକ ଜାଗରଣର ବିକାଶ ଘଟାଇ ରାଷ୍ଟ୍ର ନିର୍ମାଣରେ ଛାତ୍ର ଜୀବନ ଉତ୍ସର୍ଗୀକୃତ ସାଧନାରେ ବ୍ରତୀ ହେବାକୁ ନୂଆ-ଓ କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି '୫-ଟି' ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସଫଳତାର ସହିତ ଭବିଷ୍ୟତ ନିର୍ମାଣ ପାଇଁ ଆଗାମୀ ୫ ବର୍ଷ ଛାତ୍ର ଛାତ୍ରୀଙ୍କ କ୍ଷେତ୍ରରେ ଅଧିକ ମୂଲ୍ୟବାନ। ତେଣୁ ସମୟ ଆସିଛି ଏକ ସୁସ୍ଥ ଓ ସଶକ୍ତ କଳାହାଣ୍ଡି ପାଇଁ ଛାତ୍ର ସମାଜ ନିଜର ସହଭାଗିତାକୁ ସୁନିଶ୍ଚିତ କରିବା ଭଳି ବଡ଼ ଦାୟିତ୍ୱ ପ୍ରତି ସଜାଗ ରହିବା ଉଚିତ।

କଳାହାଣ୍ଡିରେ '୫-ଟି' ଅଧ୍ୟକ୍ଷ

# ଓଡ଼ିଶାରେ ରୂପାନ୍ତରଣ କାର୍ଯ୍ୟକ୍ରମ; କଳାହାଣ୍ଡି ପ୍ରଥମ

**ଭବାନୀପାଟଣା, ୧୨।୧ (ସମିସ)**

ସାତ ମାସର ବ୍ୟବଧାନ ପରେ ପୁଣି କଳାହାଣ୍ଡିରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପହଞ୍ଚି କଳାହାଣ୍ଡିବାସୀଙ୍କ ମନରେ ନୂଆ ଉନ୍ମାଦନା ଭରିଦେଇଛନ୍ତି। ରାଜ୍ୟ ସରକାର ତଥା କଳାହାଣ୍ଡିକୁ ବେଶି ଭଲ ପାଉଥିବା ମୁଖ୍ୟମନ୍ତ୍ରୀଙ୍କ ଗଭୀର ମନନ ଓ ଚିନ୍ତନ କାରଣରୁ କଳାହାଣ୍ଡି ଆଜି ରୂପାନ୍ତରଣ ପ୍ରକ୍ରିୟାରେ ରାଜ୍ୟ ର ସର୍ବାଗ୍ରେ ସ୍ଥାନ ପାଇ ପ୍ରଥମ ସ୍ଥାନରେ ପହଞ୍ଚିଛି ବୋଲି '୫-ଟି' ଅଧ୍ୟକ୍ଷ ଖୁସି ପ୍ରକଟ କରିଥିଲେ। ଏହା କେବଳ କଳାହାଣ୍ଡିବାସୀ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଥିବା ଆଦର, ସହଯୋଗ ଓ ନିରନ୍ତର ଭଲପାଇ ବିଶ୍ୱାସ ରଖିବା ହିଁ ମୁଖ୍ୟ କାରଣ ବୋଲି '୫-ଟି' ଅଧ୍ୟକ୍ଷ ପ୍ରକାଶ କରିଥିଲେ। ବିଶେଷ କରି ଚାଷ କ୍ଷେତ୍ରରେ ଜଳସେଚନ ସୁବିଧା ଯୋଗାଇ ଚାଷୀ ମୁହଁରେ ହସ ଦେଖିବା ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଅଭିଳାଷ ତାହା ପୂରଣ ହୋଇଛି। ସେହିପରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଖୁବ ଅଗ୍ରଗତି କରିଛି। କେବଳ ୧୦ ପ୍ରତିଶତ ଲୋକ କାର୍ଡ କରିବାରୁ ବଞ୍ଚିତ ଅଛନ୍ତି, ସେମାନେ ମଧ୍ୟ ଆସନ୍ତା ୧୬ତାରିଖ ପୂର୍ବରୁ କାର୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ଗତ ଗସ୍ତ ସମୟରେ ପ୍ରାୟ ଦୁଇ ହଜାର ଦରଖାସ୍ତ ଗ୍ରହଣ କରିଥିବା ବେଳେ ୧୮୦୦ ଦରଖାସ୍ତର ନିର୍ମାଣ କାର୍ଯ୍ୟ ହୋଇସାରିଛି ଏବଂ ୫୭୦ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ଏହିସବୁ କାର୍ଯ୍ୟ କରାଯାଇଥିଲା। ବାକି ଦୁଇ ଶହ କାର୍ଯ୍ୟ ମଧ୍ୟ ଯେଉଁ ସବୁ କାରଣରୁ ହୋଇପାରି ନ ଥିଲା ତାହା ମଧ୍ୟ ଅଳ୍ପ ସମୟ ଭିତରେ କାର୍ଯ୍ୟକାରୀ କରାଯିବ। ତେବେ କଳାହାଣ୍ଡି ଜିଲ୍ଲାର ବେଲଖଣ୍ଡି ମନ୍ଦିର ୨ କୋଟି ୫୦ ଲକ୍ଷ, ମା ଲଙ୍କେଶ୍ୱରୀ ପୀଠ ୨ କୋଟି ୫୦ ଲକ୍ଷ, ଭଣ୍ଡାରଘରଣୀ ୧ କୋଟି ୯ ଲକ୍ଷ, ବୁଢ଼ାରଜା ୭୫ ଲକ୍ଷ, ଥୁଆମୂଳ ରାମପୁରର ମା ମାଣିକେଶ୍ୱରୀ ଆଦିପୀଠର ନିର୍ମାଣ ପାଇଁ କୋଟିଏ ରୁ ଅଧିକ ଟଙ୍କା ଯୋଗାଇ ଦିଆଯାଇଛି। କଳାହାଣ୍ଡିର ମନ୍ଦିର ସଂସ୍କୃତିରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଘଟିଛି ବୋଲି କହିଥିଲେ। ଏଥିସହ ଲକ୍ଷ୍ମୀ ବସ୍ ଦ୍ୱାରା ଉପଲବ୍ଧ ସୁବିଧା ବ୍ୟବସ୍ଥା ଶୁଣି ସେ ବେଶ୍ ଖୁସି ପ୍ରକାଶ କରିଥିଲେ। ଏଥର ଗ୍ରହଣ କରିଥିବା ୨୦ ବଣ୍ଡଲ ଦରଖାସ୍ତ ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ମନ୍ଦିର, ମସଜିଦ, ଚର୍ଚ୍ଚ ଇତ୍ୟାଦି ସହିତ ମାଇନରିଟି ଓ ଅଲେଖ ମହିମା ଧର୍ମ ଲୋକଙ୍କ କାମକୁ ଅଗ୍ରାଧିକାର ଦିଆଯିବ। ସେମାନେ ଆସନ୍ତା ୨୨ତାରିଖ ସୁଦ୍ଧା ଖୁସି ଖବର ପାଇବେ। କାର୍ଯ୍ୟକ୍ରମ ଶେଷ ହେବାପରେ ଶ୍ରୀକୃଷ୍ଣ ନଗର ପଡ଼ିଆରେ ନିର୍ମାଣ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମ୍ବଲପୁର ବରେଇପାଲି ଅଭିମୁଖେ ଯାତ୍ରା କରିଥିଲେ। ତେବେ ଏହି କାର୍ଯ୍ୟକ୍ରମକୁ ସରଳତାର ସହିତ ଆୟୋଜନ କରିବା ଲାଗି କଳାହାଣ୍ଡି ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଜ୍ୟୋସ୍ନାରାଣୀ ପରିଡ଼ା ଙ୍କ ସମେତ ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ମୁଖ୍ୟ ସାଧାରଣ ସମ୍ପାଦକ ଭବାନୀ ମିଶ୍ର, ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବଦ୍ରି ପଟ୍ଟନାୟକ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଧର୍ମଗଡ଼ ବିଧାୟକ ମୌଷଧି ବାଗ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଆଦିତ୍ୟ ନନ୍ଦ, ପୂର୍ବତନ ବିଧାୟକ ଅନାମ ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ, ସାରଦା ପ୍ରସାଦ ସ୍ୱାଇଁ, ମଣ୍ଟୁ ନାଏକ, ଅବିନାଶ ଠାକୁର, ଅମିତ୍ ଯାଦବ, ସେନାପତି ନାଏକ, ସଚ୍ଚି ମହାକୁଡ, ପ୍ରଦୀପ ମୁଣ୍ଡ, ଧବଳେଶ୍ୱର ମହାପାତ୍ର, ଟିକେଲାଲ ସାହୁ, ମଧୁସୂଦନ ନାଗ, ଚକ୍ରଧର ସେଠି, ଲବଣୀ ମହାନ ଡଃ ରାଜୀବ ଶତପଥୀ, ସମିତା ମହାପାତ୍ର, ସମିତା ନାଏକ, ଧର୍ମେନ୍ଦ୍ର ନାୟକ, ପ୍ରଶାନ୍ତ ନାୟକ, ସାମନ୍ତ ଖମାରୀ, ଉଦିୟ ସୁନାନୀ, ଅଶେଶ୍ୱର ବାଗ, ପ୍ରଦୀପ ଦାସ, ରବି ପଟ୍ଟନାୟକ, ଶର୍ମିଷ୍ଠା ନାୟକ, ବିଷ୍ଣୁ ସ୍ୱାଇଁଙ୍କ ସମେତ ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଏନଏସି ଅଧ୍ୟକ୍ଷ ଏବଂ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ।

## ପ୍ରିୟ ମୁଖ୍ୟମନ୍ତ୍ରୀ ଚାଷ ପାଇଁ ପାଣିର ସୁବିଧା କରି ଚାଷୀ ମୁହଁରେ ହସ ଫୁଟାଇଛନ୍ତି

## 'କଳାହାଣ୍ଡି ମୋ ଜିଲ୍ଲା'

କଳାହାଣ୍ଡି ମୋର ଜିଲ୍ଲା। ମୁଁ ୨୦୦୨ରେ ମୋ କର୍ମମୟ ଜୀବନ ବିତେଇଛି। କେବଳ ସେତିକି ନୁହେଁ ଏହି ଜିଲ୍ଲା ମୋତେ ଓଡ଼ିଆ ଶିଖାଇଛି। ଏ ମାଟିର ବିକାଶ ଲାଗି ଆତ୍ମବିଶ୍ୱାସ ଓ ମର୍ଯ୍ୟାଦାବୋଧକୁ ଆୟୁଧ କରି ଜଣେ ନିରବକର୍ମୀ ଭାବେ ନିରନ୍ତର ଚେଷ୍ଟା ଜାରି ରହିଛି। ଏହି ସରକାର ବିଜୁ ଜନତା ଦଳର ନୁହେଁ କି ନବୀନ ପଟ୍ଟନାୟକଙ୍କ ନୁହେଁ ଏ ସରକାର ଆପଣ ମାନଙ୍କର। ତେଣୁ ଆପଣଙ୍କ ହାତରେ ଆପଣଙ୍କ ସରକାର। ନବୀନ ପଟ୍ଟନାୟକଙ୍କୁ ସମ୍ମାନ ଦେବା ଦାୟିତ୍ୱ ମଧ୍ୟ ଆପଣମାନଙ୍କ ହାତରେ ରହିଛି ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ।

## 'ଭେରି ଗୁଡ୍ କଳାହାଣ୍ଡି, ଫିଟ୍ କଳାହାଣ୍ଡି'

ଛାତ୍ରଛାତ୍ରୀଙ୍କୁ ୬ଟି ପ୍ରଶ୍ନ ପଚାରିଥିଲେ '୫-ଟି' ଅଧ୍ୟକ୍ଷ। ଯେଉଁ ଉତ୍ତର ମିଳିଥିଲା ସେଥିରେ ସେ ଖୁସି ରେ କହିଥିଲେ ଭେରି ଗୁଡ୍ କଳାହାଣ୍ଡି ଓ ଫିଟ୍ କଳାହାଣ୍ଡି। କଲେଜରେ ହେଉ କି ସ୍କୁଲରେ ଅଧ୍ୟୟନ ସମୟ ହିଁ ସୁବର୍ଣ୍ଣ ସମୟ। ଶାରୀରିକ ବ୍ୟାୟାମ, ଧ୍ୟାନ, ଯୋଗ ଏବଂ କଠିନ ପରିଶ୍ରମ ମୋବାଇଲ ତଥା ସୋସିଆଲ ମିଡ଼ିଆରୁ ଦୂରତା ରକ୍ଷା କରିବା ଛାତ୍ର ଜୀବନକୁ ସ୍ୱର୍ଣ୍ଣିମ ଭବିଷ୍ୟତ ଆଡକୁ ନେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।





















# ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ସୋନପୁର, ୧୨।୧ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମ୍‌ଠାରେ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯିବ। ଉକ୍ତଦିନ ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ସାଢେ ୬ଟାରେ ସହରର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସକାଳ ସାଢେ ୭ଟାରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ସାଢେ ୮ଟାରେ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜାତୀୟ ପତାକା ଉତ୍ତୋଳନ ହେବ। ଚଳିତ ବର୍ଷ ପରେଡରେ ୩୭ଟି ଦଳ ଅଂଶ ଗ୍ରହଣ କରିବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପଧାନ, ପିଡି ଡୁଡା ବିଶ୍ୱନାଥ ବାରିକ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର ନାୟକ, ଜିଲ୍ଲାପରିଷଦ ସିଡିଓ ତଥା ଇଓ ଅଶ୍ୱିନୀ ମେହେର, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ,ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ, ଅଧକ୍ଷ /ଅଧକ୍ଷା ଓ ଅନୁଷ୍ଠାନ କର୍ମକର୍ତ୍ତା ଯୋଗଦାନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ପାଠ ସହ ସଭା ପରିଚାଳନା କରିଥିଲେ।

● ଖୁଣ୍ଟିଗୋରା ସରପଞ୍ଚ ପଦବୀ ଅଯୋଗ୍ୟ ଘୋଷଣା ମାମଲା

# ରହିତାଦେଶ ଦେଲେ ଜିଲ୍ଲା ଅଦାଲତ

**କନ୍ଧମାଳ,୧୨ ।୧(ସମିସ):** କନ୍ଧମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ସରପଞ୍ଚ ପଦବୀ ଅଯୋଗ୍ୟ ଘୋଷଣା ମାମଲାରେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ଅଦାଲତ ରହିତାଦେଶ ଦେଇ ଥିବା ଜଣାଯାଇଛି। ଖୁଣ୍ଟିଗୋରା ପଞ୍ଚାୟତର ସରପଞ୍ଚ ସୁନୀତା ମାଝୀଙ୍କ ଦୁଇରୁ ଅଧିକ ସନ୍ତାନ ଥିବା ନେଇ ହୋଇଥିବା ନିର୍ବାଚନୀ ମାମଲାରେ କନ୍ଧମାଳ ସିଭିଲ ଜଜ୍ ଜୁନିଅର ଡିଭିଜନ ତଥା ଇଲେକ୍ସନ ଟ୍ରିବ୍ୟୁନାଲ ଅଯୋଗ୍ୟ ଘୋଷଣା କରିଥିଲେ । ଜିଲ୍ଲା ଦୌରା ଜଜ ବିକ୍ରମ କୁମାର ପ୍ରଧାନ ମାମଲାର ଶୁଣାଣି କରି ରାୟ ଶୁଣାଇଛନ୍ତି। ୨୦୨୨ରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ପ୍ରଭାସିନୀ ଖଟୁଆଙ୍କୁ ହରାଇ ସୁନୀତା ମାଝୀ ବିଜୟ ଲାଭ କରି ସରପଞ୍ଚ ପଦବୀରେ ଆସିନ ହୋଇଥିଲେ। ନିର୍ବାଚନ ପରେ ପରାଜିତ ପ୍ରାର୍ଥି ପ୍ରଭାସିନୀ ଖଟୁଆ ଅଦାଲତର ଦ୍ୱାରସ୍ଥ ହୋଇ ତିନୋଟି ସନ୍ତାନର ଜନନୀ ହୋଇଥିବାରୁ ସୁନୀତାଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ନିବେଦନ କରିଥିଲେ। ତଳ ଅଦାଲତର ରାୟ ବିରୁଦ୍ଧରେ ସୁନୀତା ମାଝୀ ଜିଲ୍ଲା ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସୁନୀତା ମାଝୀଙ୍କ ତରଫରୁ ବରିଷ୍ଠ ଓକିଲ ଅଜିତ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ତମାଖୁ ଦୋକାନରେ ଚଢ଼ଉ

**ଶଗଡା,୧୨ ।୧(ସମିସ):** ଘଣ୍ଟାପଡ଼ା ପୁଲିସ ଓ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ମିଳିତ ଚଢ଼ଉ କରି ଘଣ୍ଟାପଡ଼ା ଅଞ୍ଚଳର ବିଭିନ୍ନ ତମାଖୁ ଦୋକାନରେ ଚଢ଼ାଉ କରି ଜୋରିମାନା ଆଦାୟ କରିଛନ୍ତି।ଏହି ଚଢ଼ାଉରେ ଘଣ୍ଟାପଡ଼ା ଥାନା କର୍ମଚାରୀ,ଡ୍ରଗ ନିରୀକ୍ଷକ ସନ୍ତୋଷ ପ୍ରଧାନ, ଖାଦ୍ୟ ନିରାପତ୍ତା ଅଧିକାରୀ ଧରଣୀଧର ନାୟକ, ଜିଲ୍ଲା ସଂଯୋଜକ ଆଲୋକ କୁମାର ମିଶ୍ର ଓ ଅବକାରୀ ଅଧିକାରୀମାନେ ସାମିଲ ହୋଇଥିଲେ। ଘଣ୍ଟାପଡ଼ା ଅଞ୍ଚଳର ୧୩ଟି ତମାଖୁ ବିକ୍ରେତାଙ୍କଠାରୁ ମୋଟ ୨୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ପଲସାଗୋରା ଅଞ୍ଚଳର ଚଢ଼ାଉ କରାଯାଇ ୧୬ଜଣ ତମାଖୁ ବିକ୍ରେତାଙ୍କଠାରୁ ୨୯ଶହ ଟଙ୍କା ଜୋରିମାନା ଆଦାୟ କରିଥିଲେ।

● ସର୍ବଭାରତୀୟ ତିଳେଶ୍ୱର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# କଟକକୁ ହରାଇ ଫାଇନାଲରେ ସୋନପୁର

**ହରଭଙ୍ଗା/ଚାରିଛକ, ୧୨।୧ (ସମିସ):** ହରଭଙ୍ଗା ବ୍ଲକ ଅନ୍ତର୍ଗତ ତିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଫ୍ରେଣ୍ଡସ ଆସୋସିଏସନ ତିଳେଶ୍ୱର ଆନୁକୁଲ୍ୟରେ ଅନୁଷ୍ଠିତ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ ଦିବସରେ ବୌଦ୍ଧ ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୁରୁଣାକଟକ ସରପଞ୍ଚ ଅଶୋକ ସେଠି, ମଥୁରା ସରପଞ୍ଚ ପ୍ରଦୀପ କହଁର, ସଂକୁଳେଇ ସରପଞ୍ଚ ସୁଶ୍ରୀତା ଛନ୍ଦ ଉପସ୍ଥିତ ଥିଲେ। ତୃତୀୟ ଦିବସ ପ୍ରଥମ ସେମିଫାଇନାଲ ମ୍ୟାଚ ବିଏସଏଫ କ୍ଲବ ସୋନପୁର ଓ ସନସାଇନ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୋନପୁର ଦୁଇଟି ଗୋଲ ଦେଇ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଛି। ଖେଳକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ସୁଜିତ୍ ରାଜହଁସ, ଦିଲୀପ କୁମାର୍ ରାଉତ ପରିଚାଳନା କରିଥିବାବେଳେ ଚତୁର୍ଥ ରେଫରି ଭାବେ ମାନସ କୁମାର ବିଶ୍ୱାଳ , ମୁଖ୍ୟ କମିସନର ଭାବେ ରଞ୍ଜନ କୁମାର୍ ଯୋଶୀ କାର୍ଯ୍ୟ ତୁଲାଇଥିଲେ। କରାଯାଇଥିବା ଘୋଷଣା କରାଯାଇଥିଲା।

# ମାହେଶ୍ୱରୀ ଦେବୀଙ୍କ ନବକଳେବର ଉତ୍ସବ

**ସୁବଲୟା,୧୨।୧ (ସମିସ):** ଖଣ୍ଡହତା ପଞ୍ଚାୟତ ବଡ଼ବରଡ଼ାକଟା ଗ୍ରାମରେ ମାହେଶ୍ୱରୀ ଦେବୀଙ୍କ ନବକଳେବର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳୁ ଗ୍ରାମ ପରିକ୍ରମା ସହିତ ନିକଟସ୍ଥ ବୁରବୁଡ଼ା ଜଙ୍ଗଲରୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ରୋହିଣୀ ବୃକ୍ଷ କଟାଯାଇଥିଲା। ସୂଚନା ଥାଉ କି ପୂର୍ବରୁ ମାହେଶ୍ୱରୀ ମନ୍ଦିରରୁ ଚୋରି ହୋଇଥିବା ସମୟରେ ପୂଜା ପାଉଥିବା ବାଡ଼ିକୁ ଚୋର ନେଇଯାଇଥିଲେ। ଫଳରେ ଆଶ୍ୱିନ ମାସରେ ବାଡ଼ି ଯାତ୍ରା ହୋଇପାରୁନଥିଲା । ନିର୍ମାଣାଧୀନ ମାହେଶ୍ୱରୀ ମନ୍ଦିର ସମ୍ପୂର୍ଣ୍ଣ ହେବା ପରେ ପୁନର୍ବାର ବାଡ଼ି ଯାତ୍ରା ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ଜଗନ୍ନାଥ ଦେହେରି ଓ ବଳରାମ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ଗାଁ ଗୌନ୍ତିଆ ଶିବ ନାରାୟଣ ମିଶ୍ର କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ବଡ଼ବରଡ଼ା କଟା, ବୁରବୁଡ଼ା, ରିଜୁମୁଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ ।

# ମୁଣ୍ଡାପଡ଼ାରେ ରେଳଷ୍ଟେସନ ସ୍ଥାପନ ଆଶା ବଢ଼ିଲା

**ବୌଦ୍ଧ, ୧୨।୧ (ସମିସ)**

ବୌଦ୍ଧ ଜିଲ୍ଲାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗିର ରେଳପଥର ଦୈର୍ଘ୍ୟ ୧୧୫ କି.ମି ରୁ ଉର୍ଦ୍ଧ୍ୱ ଥିବାବେଳେ ପ୍ରମୁଖ ଷ୍ଟେସନ ହରଭଙ୍ଗା ବ୍ଲକର ସରସରା ଗ୍ରାମ ନିକଟରେ ନିର୍ମାଣଧୀନ ରହିଛି । ବୌଦ୍ଧଗଡ ଏନ୍ଏସି ଓ ବୌଦ୍ଧ ବ୍ଲକର ସମୁଦାୟ ଜନସଂଖ୍ୟା ପ୍ରାୟ ୧ ଲକ୍ଷ ୫୧ ହଜାର ଲୋକଙ୍କ ପାଇଁ ଏବଂ ପ୍ରାୟ ୪୦ କି.ମି ମଧ୍ୟରେ କେବଳ ଝାରମୁଣ୍ଡାଠାରେ ଏକମାତ୍ର ଷ୍ଟେସନ ନିର୍ମାଣ ସକାଶେ ପ୍ରସ୍ତାବନା ହୋଇ କାର୍ଯ୍ୟ ଚାଲୁଛି। ଏଭଳି ଏକ ବିଷମ ଆକଳନକୁ ଦୂରୀଭୂତ କରିବାପାଇଁ ମୁଣ୍ଡାପଡାଠାରେ ଏକ ରେଳଷ୍ଟେସନର ଆବଶ୍ୟକତା ଦୃଷ୍ଟିରୁ ମୁଣ୍ଡାପଡା ଓ ଆଖପାଖ ପଞ୍ଚାୟତର ସଚେତନ ଜନସାଧାରଣଙ୍କ ତରଫରୁ ଗତବର୍ଷ ଫେବୃଆରୀ ୯ ତାରିଖରେ ମୁଣ୍ଡାପଡା ହାଟପଦା ଠାରେ ଏକ ବଡ ଧରଣର ସଭା ଆୟୋଜନ ହୋଇଥିଲା। ସଭାରେ ନାଗରିକ କମିଟି ବୌଦ୍ଧର ସଂପାଦକ ଅତିଥି ଭାବେ ଯୋଗ ଦେଇଥିଲେ। ଜନସାଧାରଣଙ୍କ ନ୍ୟାର୍ଯ୍ୟଦାବି ଅନୁଭବ କରାଯାଇ ନାଗରିକ କମିଟି ତରଫରୁ ମାର୍ଚ୍ଚ ୩ ତାରିଖରେ କେନ୍ଦ୍ର ରେଳମନ୍ତ୍ରୀ, ରାଜ୍ୟ ବାଣିଜ୍ୟ ପରିବହନ ମନ୍ତ୍ରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓ ବୌଦ୍ଧ ଜିଲ୍ଲାପାଳଙ୍କୁ ମୁଣ୍ଡାପଡାଠାରେ ଏକ ରେଳ ଷ୍ଟେସନ ନିର୍ମାଣ ପାଇଁ ପ୍ରସ୍ତାବନା ପ୍ରଦାନ କରାଯାଇଥିଲା। ବୌଦ୍ଧ ରେଳଷ୍ଟେସନର ନାମ ବୌଦ୍ଧଗଡ ଓ ଆଡେଣୀଗଡ ଷ୍ଟେସନର ନାମ ଅରଣ୍ୟଗଡ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଗଡଜାତ ସମୟରୁ ଅରଣ୍ୟଗଡ ପ୍ରାକ୍ତନ ରାଜାମାନଙ୍କ ଗ୍ରୀଷ୍ମନିବାସ ଥିଲା। ଚତୁଃ ପାର୍ଶ୍ୱରେ ଘଞ୍ଚଅରଣ୍ୟ ପରିପୂର୍ଣ୍ଣ ଥିବାରୁ ଏହାକୁ ଅରଣ୍ୟଗଡ କୁହାଯାଇଥିଲା। ଇଂରେଜ ମାନଙ୍କ ଉଚ୍ଚାରଣ ଶୈଳୀ ଅନୁସାରେ ଇଂରାଜୀରେ ଆଡେଣୀଗଡ ଲେଖାଗଲା ଓ କୁହାଗଲା। ତେଣୁ ଅତୀତର ଅବସ୍ଥିତି ଓ ନାମକୁ ଉଜାଗର କରିବାପାଇଁ ଷ୍ଟେସନର ନାମ ଅରଣ୍ୟଗଡ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଛି। ନାଗରିକ କମିଟି ବୌଦ୍ଧର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବନା ଗୁଡିକୁ ବିଚାରକୁ ନେଇ ପୂର୍ବତଟ ରେଳପଥ ସାକାରାତ୍ମକ ପଦକ୍ଷେପ ଗ୍ରହଣ କରିଛନ୍ତି। ପୂର୍ବତଟ ରେଳପଥ, ଭୁବନେଶ୍ୱର ତରଫରୁ ନାଗରିକ କମିଟିକୁ ୧୯/୧୨/୨୦୨୩ରେ ପତ୍ରରେ ସୂଚୀତ କରିଛନ୍ତି ଯେ ବୈଷୟିକ କାରଣ ଦୃଷ୍ଟିରୁ ମୁଣ୍ଡାପଡା ଠାରେ ଏକ ଷ୍ଟେସନ ନିର୍ମାଣରେ ଅସୁବିଧା ଦେଖାଯାଉଛି ହେଲେ ମୁଣ୍ଡାପଡାଠାରେ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ପେସେଞ୍ଜର ହଲ୍ଟ ଷ୍ଟେସନ ସ୍ଥାପନ ସକାଶେ ବିଚାର ପ୍ରସ୍ତାବନା ଗ୍ରହଣ କରାଯାଇଛି ଏବଂ ଷ୍ଟେସନ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ବୌଦ୍ଧ ଜିଲ୍ଲାପାଳଙ୍କୁ ସଂଯୋଗୀ ରାସ୍ତା ଦେବାପାଇଁ ଜଣାଇ ଦିଆଯିବ ବୋଲି କୁହାଯାଇଛି। ବୌଦ୍ଧଗଡ ଓ ଅରଣ୍ୟଗଡ ନାମକରଣ ସଂପର୍କରେ ସମ୍ବଲପୁର ରେଳ ମଣ୍ଡଳକୁ ଜଣାଇ ଦିଆଯାଇଛି। ଏ ସମ୍ପର୍କରେ ଉପମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳ କାର୍ଯ୍ୟାଳୟ ଭୁବନେଶ୍ୱର ବୌଦ୍ଧ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଉପଯୁକ୍ତ ପଦକ୍ଷେପ ନେବେ ବୋଲି ସଂପାଦକ ନାଗରିକ କମିଟି ବୌଦ୍ଧଙ୍କୁ ପ୍ରେରିତ ଚିଠିରେ ଜଣାଇଛନ୍ତି। ଏହି ମର୍ମରେ ନାଗରିକ କମିଟିର ସଂପାଦକ ବିଶ୍ୱେଶ୍ୱର ପୃଷ୍ଟି, ମୁଣ୍ଡପଡାର ସାମାଜିକ କର୍ମୀ ଧର୍ମଧର ପୋଢ, ସମାଜସେବୀ ବିଘ୍ନରାଜ ପ୍ରଧାନ ପ୍ରମୁଖ ବୌଦ୍ଧ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ ଏବଂ ନିର୍ବାଚନ ଆଚରଣ ବିଧି ଲାଗୁହେବା ପୂର୍ବରୁ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିନିଧି ମଣ୍ଡଳୀଙ୍କୁ ଅବଗତ କରାଇଥିଲେ।

# ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ



**ବୌଦ୍ଧ, ୧୨।୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଏସକେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କ ଦ୍ୱାରା ହୋଇଯାଇଛି। ଶ୍ରୀ ସ୍ୱାଇଁ ସବୁଜ ପତାକା ଦେଖାଇ ତିନୋଟି ରଥର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୟକୃଷ୍ଣ ମିଶ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମଦନ ପ୍ରଧାନ, ଡାକ୍ତର ଭଞ୍ଜ କିଶୋର ରାମଚନ୍ଦ୍ର ଦେଓ ହେମ୍ବ୍ରମ, ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏହି ତିନୋଟି ରଥ ବୌଦ୍ଧ ଜିଲ୍ଲାର ବାଉଁଶୁଣୀ, ମନମୁଣ୍ଡା, କନ୍ଧମାଳ ଅଞ୍ଚଳକୁ ଯାଇ ସେଠାରୁ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ସଚେତନ କରିବ। ଲୋକେ ବିଏସକେୱାଇ ନବୀନ ସ୍ୱାସ୍ଥ୍ୟ କାର୍ଡ ଯୋଜନାରେ କିଭଳି ସାମିଲ ହୋଇ ପାରିବେ ସେନେଇ ଏହି ରଥ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବ। ଏହି କାର୍ଡ ପାଇଁ ପଞ୍ଜିକରଣ ଗତ ଜାନୁଆରୀ ୬ରୁ ଆରମ୍ଭ ହୋଇଥିବା ବେଳେ ୧୬ ତାରିଖ ପର୍ଯ୍ୟନ୍ତ ଶେଷ ଅବଧି ରହିଛି। ଏହି କାର୍ଡ ପାଇଁ ପରିବାରର ସମସ୍ତ ସଦସ୍ୟ ଗ୍ରାମାଞ୍ଚଳରେ ବାସ କରୁଥିବେ ଏବଂ କୌଣସି ସଦସ୍ୟ ଆୟକର ଦାତା ହୋଇନଥିବେ ତଥା ନିୟମିତ ସରକାରୀ କର୍ମଚାରୀ କିମ୍ବା ପେନସନ ଭୋଗୀ ହୋଇନଥିବେ। ଦରଖାସ୍ତକାରୀ ପୋର୍ଟାଲରେ ନିଜେ ପଞ୍ଜିକରଣ କରିପାରିବେ ନଚେତ ସହାୟତା କେନ୍ଦ୍ରର ବୈଷୟିକ ସହାୟତା ନେଇପାରିବେ। ଦରଖାସ୍ତ କେବଳ ଅନଲାଇନରେ ଦାଖଲ କରାଯାଇ ପାରିବ, ଅଫଲାଇନ ବ୍ୟବସ୍ଥା ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବନାହିଁ ବୋଲି ଜଣାପଡିଛି।

# ବିଧାୟକଙ୍କୁ ଭେଟିଲା କନ୍ଧମାଳ ସାମ୍ବାଦିକ ସଙ୍ଘ



**କନ୍ଧମାଳ,୧୨।୧(ସମିସ):** କନ୍ଧମାଳ ବ୍ଲକ ସାମ୍ବାଦିକ ସଙ୍ଘ(କବ୍ସା) ର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ବରପଦର ସ୍ଥିତ କନ୍ଧମାଳ ବିଧାୟକ ମହୀଧର ରଣାଙ୍କୁ ଭେଟି ନବବର୍ଷ ଶୁଭେଚ୍ଛା ଜଣାଇବା ସହିତ ଅଞ୍ଚଳର ସାମୁହିକ ଉନ୍ନତି ବିଷୟରେ ଆଲୋଚନା କରିଥିଲେ । ଉକ୍ତ ସାମ୍ବାଦିକ ମଣ୍ଡଳୀରେ ଉପଦେଷ୍ଟା ଦିବ୍ୟଶଙ୍କର ରାଉତ, ଜୟକୁମାର ମହାରଣା, ଉପସଭାପତି ପ୍ରଭାତ ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଦସ୍ୟ ରଞ୍ଜନ ପାତ୍ର, ବଂଶୀଧର ମାଝୀ, ବଳରାମ ବାଘ, ଦେବାଶିଷ ମଲିକ ପ୍ରମୁଖ ସାମିଲ ହୋଇଥିଲେ।

# ସୂଚନା ବିତରଣ କେନ୍ଦ୍ର ଉଦ୍‌ଘାଟିତ

**ଶଗଡା,୧୨ ।୧(ସମିସ):** କନ୍ଧମାଳ ବ୍ଲକ ଦପଲା ଠାରେ ଆନ୍ତର୍ଜାତୀୟ ଅନୁଷ୍ଠାନ ବାଲ ରକ୍ଷା ଭାରତ (ସେଭ୍ ଦି ଚିଲ୍ଡ୍ରେନ) ସହଯୋଗରେ



ସୂଚନା ବିତରଣ କେନ୍ଦ୍ରର ଶୁଭ ଉଦ୍‌ଘାଟନ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ, ବାଲ ରକ୍ଷା ଭାରତ ସଂସ୍ଥାର ଆସିଷ୍ଟାଣ୍ଟ ମ୍ୟାନେଜର ମନୋଜ ମିଶ୍ର, କିଶୋରୀ ବାଳିକା, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ର କିଶୋରୀ ବାଳିକାଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦେବା ସହ ମାସିକ ଋତୁସ୍ରାବ ସମୟରେ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନ ଓ ପୋଷଣ ଆଦି ବିଷୟରେ ବିଷୟରେ ଆଲୋଚନା କରିଥିଲେ। ସେହିପରି କନ୍ଧମାଳ ବ୍ଲକର ଘଣ୍ଟାପଡ଼ା ଓ ପଲସାଗୋରାଠାରେ ଥିବା ସୂଚନା ବିତରଣ କେନ୍ଦ୍ରକୁ ଯାଇ କିଶୋରୀ ବାଳିକାମାନେ ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ଜାଣୁ ଥିବା ସହ ଅନ୍ୟମାନଙ୍କୁ ଜଣାଉଥିବା ବେଳେ ନିଜେ ପରିଷ୍କାର ପରିଚ୍ଛନ୍ନ ରହୁଥିବା ବିଷୟରେ ଆଲୋଚନା ହୋଇଥିଲା। ବ୍ଲକ ଅଧକ୍ଷା ସସ୍ମିତା ସେନାପତି ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଧନ୍ୟବାଦ୍ ଜଣାଇଥିଲେ।

# ରୂପାନ୍ତରଣ ଶିକ୍ଷା ସଂସ୍କାରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି

● ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ

**କନ୍ଧମାଳ, ୧୨ ।୧ (ସମିସ):** କନ୍ଧମାଳ ବ୍ଲକ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟ ର ୩୪ତମ ବାର୍ଷିକୋତ୍ସବ ବିଦ୍ୟାଳୟ ର ଜାଗୃତି ମଣ୍ଡପ ଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି ।



ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତ କ୍ଷେତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟଅତିଥି, କନ୍ଧମାଳ ବିଇଓ ସନୋଜ ସେଠି ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ କନ୍ଧମାଳ ବ୍ଲକ ଉପାଧକ୍ଷ୍ୟ ମହେନ୍ଦ୍ର ରଣା, ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ଶିକ୍ଷାବିତ ନୀଳାଞ୍ଚଳ ଭୋଇ, ସାମ୍ବାଦିକ ଜୟ କୁମାର ମହାରଣା,କୁଲୁତାଯୋର ସରପଞ୍ଚ ଚୁମିକି ଭୋଇ, ସ୍କୁଲ ପରିଚାଳନା କମିଟି ସଭାପତି ବିବସ୍ୱ ଭୋଇ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଶିକ୍ଷକ ଭବାନୀ ଶଙ୍କର ପାଣିଗ୍ରାହୀ ଅତିଥି ପରିଚୟ ଓ ପ୍ରେମରାଜ ରଣା ସଭା ପରିଚାଳନା କରିଥିଲେ । ସେହିପରି ସନ୍ଧ୍ୟାରେ ଆୟୋଜିତ ଉଦଯାପନୀ ସଭାରେ ବୌଦ୍ଧ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବିଧାୟକ ମହୀଧର ରଣା ମୁଖ୍ୟଅତିଥି ଓ କନ୍ଧମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ବିଦ୍ୟାଳୟ ପୂର୍ବତନ ସଭାପତି କରୁଣାକର ସାହୁ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ, ପ୍ରଧାନଶିକ୍ଷକ ଅନନ୍ତ ଚରଣ କ୍ଷେତି ପ୍ରମୁଖ ସମ୍ମାନିତ ଅତିଥି ଓ ବୌଦ୍ଧ ଜିଲ୍ଲା ସାମ୍ବାଦିକ ଫୋରମ ସଭାପତି ଦିବ୍ୟଶଙ୍କର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ରୂପାନ୍ତରୀକରଣ ଶିକ୍ଷା ସଂସ୍କାର କ୍ଷେତ୍ରରେ ବୈପବ୍ଳିକ ପରିବର୍ତ୍ତନ ଆଣିଛି ବୋଲି କହିଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ ବିଦ୍ୟାଳୟ ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ପ୍ରେମରାଜ ରଣା ସଭାରେ ସଂଯୋଜନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡା, ବକ୍ତୃତା, ସଂଗୀତ, କୁଇଜ, ରଚନା ଆଦି ର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନନ୍ତ ଖେଥି ଧନ୍ୟବାଦ ଦେଇଥିଲେ ।

# ଏଇଏସ୍ ମହାବିଦ୍ୟାଳୟ ଅଧ୍ୟାପିକାଙ୍କ ସଫଳତା

**ତରଭା,୧୨।୧(ସମିସ):** ଏଇଏସ୍ ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗର ମୁଖ୍ୟ ଡ଼ ସରୋଜିନୀ ପଧାନଙ୍କୁ ମୁଖ୍ୟମନ୍ତ୍ରୀ ଗବେଷଣା ଓ ଅଭିନବୀକରଣ ସହାୟତା ୨୦୨୩ କାର୍ଯ୍ୟକ୍ରମ ଅଧୀନରେ ପ୍ରୋତ୍ସାହନ ରାଶି ୬୯୬୦୦୦ ମିଳିବାକୁ ଯାଉଛି ବୋଲି ଅଧ୍ୟାକ୍ଷା ମିନତୀ ମିଶ୍ର ପ୍ରକାଶ କରିଛନ୍ତି। ଡ. ପଧାନ ପୁଷ୍ଟିକର ଜ୍ଞାନ, ଖାଦ୍ୟପେୟ ଆଚରଣ ଏବଂ କୁଟିଆ କନ୍ଧ ଆଦିବାସୀ କିଶୋର ବାଳିକାଙ୍କ ସ୍ୱାସ୍ଥ୍ୟ ସ୍ଥିତି ଉପରେ ଖାଦ୍ୟଶିକ୍ଷାର ହସ୍ତକ୍ଷେପର ପ୍ରଭାବ: ଓଡିଶାର କାଳାହାଣ୍ଡି ଜିଲ୍ଲାର ଏକ ଅଧ୍ୟୟନ ଉପରେ ଗବେଷଣା କରିବା ପାଇଁ ଯୋଗ୍ୟ ବିବେଚିତ ହୋଇ ତରଭା ମହାବିଦ୍ୟାଳୟ ତଥା ଅଞ୍ଚଳପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ୨୦୨୨ରେ ଡ଼ ପଧାନ ଆଇସିଏସଏସଆର ନୂଆଦିଲ୍ଲୀରୁ ମଧ୍ୟ ୨୯୦୦୦୦ ଅର୍ଥରାଶି ପାଇ ଗବେଷଣା କରି ସାରିଛନ୍ତି। ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ସାହୁ, ଅଧକ୍ଷା ମିନତୀ ମିଶ୍ର ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ, ଶିକ୍ଷାପ୍ରେମୀ, ଗଣମାଧ୍ୟମ ପ୍ରତିନିଧି ଡ. ପ୍ରଧାନଙ୍କୁ ଶୁଭେଚ୍ଛା ଜଣାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।



# ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବୌଦ୍ଧ, ୧୨।୧(ସମିସ):** ସର୍ବଭାରତୀୟ ଶିକ୍ଷକ ଫେଡେରେସନ ନେତୃତ୍ୱରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ପକ୍ଷରୁ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି । ପୁରୁଣା ପେନସନକୁ ପୁନଃ ଲାଗୁ କରିବା, ଜାତୀୟ ସ୍ତର ସହିତ ବେତନ ପ୍ରଦାନ, ଠିକା ନିଯୁକ୍ତି ଉଚ୍ଛେଦ ଭଳି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଙ୍ଘ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ବୌଦ୍ଧ ଜିଲ୍ଲାପାଳ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି ଅନିତା ମେହେରଙ୍କ ସମେତ ବୌଦ୍ଧ ଜିଲ୍ଲା ସଂଘ ପକ୍ଷରୁ ପ୍ରେମଲାଲ ମହାନ୍ତି, ସୁଦାମ ଦିଶରୀ, ଆଲୋକ ମେହେର, ଶଣ୍ଢେଶ୍ୱର ଖମାରି, ପ୍ରକାଶ ପୁରୋହିତ, ପରମେଶ୍ୱର ମେହେର, ଜସ୍ମିନ କର, ଜୟନ୍ତୀ ମେହେର, ଭାଗ୍ୟସିନି ମିଶ୍ର ,ପୁଷ୍ପଲତା ପଣ୍ଡା ପ୍ରମୁଖ ଉପସ୍ଥିତ ଥଲେ।

# ସୁଜନ ନାଗ ସ୍ମାରକୀ ଫୁଟବଲ୍; ସେମିରେ ବୀରମହାରାଜପୁର

**ସୋନପୁର, ୧୨।୧ (ସମିସ):** ୧୧ତମ ସୁଜନ ନାଗ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ ବନାମ ସିସିଏଫଏ ବୀରମହାରାଜପୁର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବୀରମହାରାଜପୁର ୧-୦ ଗୋଲରେ ସୁନ୍ଦରଗଡକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଶୁକ୍ରବାରର ଏହି ମ୍ୟାଚରେ ବେଷ୍ଟ ଗୋଲକିପର ଶ୍ରାବଣ ତନ୍ତୀ, ବେଷ୍ଟ ଡିଫେନ୍ସ ଆଶିଷ ପ୍ରଧାନ, ବେଷ୍ଟ ଉଇଙ୍ଗର ରାହୁଲ ମିଞ୍ଜ, ବେଷ୍ଟ ମିଡ ଫିଲ୍ଡ ଖେଳାଳି ଭାବେ ଅଶାନ୍ତ ଲାକ୍ରାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ମ୍ୟାନ ଅଫ ଦ ମ୍ୟାଚ୍ ହୋଇଛନ୍ତି ବୀରମହାରାଜପୁରର ଅମନ ଖାଲକୋ। ଏହି ମ୍ୟାଚରେ ଡା. ଅର୍ଜୁନ ମୁଗ୍ରୀ, ସଂଜୀବ କୁମାର ମହାରଣା, ଅନିଲ ଭୋଇନା, ସୁରେଶ କୁମାର ଷଡ଼ଙ୍ଗୀ, ଭୁବନ ମେହେର, ଗୁଣନିଧି ମେହେର ଏବଂ ଜଳନ୍ଧର ଦୀପ ଅତିଥି ଭାବରେ ଯୋଗଦାନ କରିଥିଲେ। ଆଜିର ଖେଳକୁ ରାଜେଶ ଥାନାପତି ମୁଖ୍ୟ ରେଫରି ଭାବେ ପରିଚାଳନା କରିଥିଲେ। ପୁରସ୍କାର ପ୍ରଦାନ ସମାରୋହକୁ ଏକାଡେମୀର ସଭାପତି ରାକେଶ ନାଗ ପରିଚାଳନା କରିଥିଲେ।

# ଇଭିଏମ୍ ଓ ଭିଭିପାଟ୍ ମେସିନ୍ ସଚେତନତା କେନ୍ଦ୍ର ଉଦ୍‌ଘାଟିତ

**ବୌଦ୍ଧ, ୧୨।୧ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଇଭିଏମ ଓ ଭିଭିପାଟ ପ୍ରଦର୍ଶନୀ କେନ୍ଦ୍ର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନୃସିଂହ ଚରଣ ସ୍ୱାଇଁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ପ୍ରଦର୍ଶନୀ କେନ୍ଦ୍ରରେ ପ୍ରଶିକ୍ଷଣ ଏବଂ ସଚେତନତା ନିମନ୍ତେ ଇଭିଏମ ଏବଂ



ଭିଭିପାଟ ମଡେଲ ବୁଥ୍ ଭିତରେ ରଖାଯାଇଛି। ଜନସାଧାରଣ ଏହି କେନ୍ଦ୍ରକୁ ଆସି ଇଭିଏମ ମାଧ୍ୟମରେ କିଭଳି ମତଦାନ କରାଯାଏ ଏବଂ ଭିଭିପାଟ ମାଧ୍ୟମରେ କିଭଳି ନିଜେ ଦେଇଥିବା ଭୋଟ୍‌ର ସଠିକତା ଯାଞ୍ଚ କରିହେବ ତାହା ଏହି କେନ୍ଦ୍ରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କୁ ବୁଝାଇବା ସହ ଠିକ୍ ଭାବରେ ଭୋଟ ଦେବା ପ୍ରଣାଳୀ ଓ ମତଦାନର ମହତ୍ତ୍ୱ ସଂପର୍କରେ ଅବଗତ କରାଇବେ। ଏହି ପ୍ରଦର୍ଶନୀ ଆଜିଠାରୁ ଆସନ୍ତା ଫେବୃଆରୀ ୨୯ ପର୍ଯ୍ୟନ୍ତ ସମସ୍ତ ସରକାରୀ କାର୍ଯ୍ୟ ଦିବସରେ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଉପସ୍ଥିତ ଜନସାଧାରଣଙ୍କୁ ଭୋଟ ମତଦାନ ପ୍ରଣାଳୀ ବୁଝାଇବା ସହ ମୁକ୍ତ ଏବଂ ଅବାଧ ମତଦାନର ଗୁରୁତ୍ୱ ସଂପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ଶାଶ୍ୱତ ପ୍ରଧାନ, ତହସିଲଦାର ଅନୀତା ସାହୁ, ବରିଷ୍ଠ ରାଜସ୍ୱ ସହାୟକ ସରୋଜ ବେହେରା ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ‘ନୂଆ-ଓ’ ଅଧୀନରେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ସୋନପୁର, ୧୨ ।୧ (ସମିସ)**



ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ‘ନୂଆ-ଓ’ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ସହ ସୋନପୁର କଲେଜ ଖେଳପଡ଼ିଆ ଓ ରିଜର୍ଭ ପୁଲିସ ଖେଳ ପଡ଼ିଆରେ ଅନୁଷ୍ଠିତ ଉକ୍ତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାର ସମସ୍ତ ୬ଟି ବ୍ଲକ ତଥା ୩ଟି ପୌରାଞ୍ଚଳ (ସୋନପୁର ମ୍ୟୁନିସିପାଲିଟି, ତରଭା ଏନଏସି ଓ ବିନିକା ଏନଏସି) ରୁ ମନୋନୀତ ମୋଟ ୬୦ଟି କ୍ରୀଡ଼ା ପ୍ରତିଯୋଗୀ ଦଳ ଭାଗ ନେଇଥିଲେ। “ନୂଆ-ଓ” କାର୍ଯ୍ୟକ୍ରମ ଅଧୀନରେ ଫୁଟବଲ, ଭଲିବଲ, କ୍ରିକେଟ, ଖୋ-ଖୋ, କବାଡ଼ି ଓ ହକି ଆଦି ୬ଟି କ୍ରୀଡ଼ା ସକାଶେ ଉଭୟ ପୁରୁଷ ଓ ମହିଳା ବର୍ଗ ପାଇଁ ସ୍ୱତନ୍ତ୍ର ଭାବରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁନାଧର ତ୍ରିପାଠୀ ଓ ବରିଷ୍ଠ କ୍ରୀଡ଼ା ଶିକ୍ଷକ ରଘୁନାଥ ଥନାପତିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ମନୋନୀତ ହୋଇଆସିଥିବା କ୍ରୀଡ଼ା ଶିକ୍ଷକ/ଶିକ୍ଷୟତ୍ରୀ ମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ସୁଚାରୁରୂପେ ପରିଚାଳନା କରିଥିଲେ। ସୋନପୁର କଲେଜ ଖେଳପଡ଼ିଆରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ତଥା ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତି କ୍ରୀଡ଼ା ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ଚମ୍ପିୟନ ଦଳକୁ ୫୦୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରଯାଇଥିଲା। ସେହିପରି ରନର୍ସ ଅପ ଦଳକୁ ୩୦୦୦୦ ଟଙ୍କାର ଅର୍ଥ ରାଶି ଓ ୨ୟ ରନର୍ସ ଅପ ଦଳକୁ ୨୦୦୦୦ ଟଙ୍କାର ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସମୁଦାୟ ବାର ଲକ୍ଷ କୋଡିଏ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଚମ୍ପିୟନ ହୋଇଥିବା ଉଭୟ ପୁରୁଷ ଓ ମହିଳା ବର୍ଗର ମୋଟ ୧୨ଟି ଦଳ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଛନ୍ତି। ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ମୋବାଇଲ୍ ଚୋରି

**ତରଭା,୧୨।୧(ସମିସ):** ତରଭା ଡାକ୍ତରଖାନା ସମ୍ମୁଖ ମେହେର ମୋବାଇଲ ଦୋକାନରୁ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଥିବା ସମ୍ବନ୍ଧେ ଥାନାରେ ଏତଲା ହୋଇଛି। ଦୋକାନ ମାଲିକ ସତ୍ୟନାରାୟଣ ମେହେର ରାତି ୮ଟାରେ ଦୋକାନ ବନ୍ଦକରି ଘରକୁ ଯାଇଥିଲେ। ଶୁକ୍ରବାର ସକାଳ ୮.୩୦ରେ ଦୋକାନ ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିଥିଲେ। ଚୋର ତାଲା ଭାଙ୍ଗି ଦୋକାନରେ ଥିବା ପ୍ରାୟ ୫୦ଟି ମୋବାଇଲ ଓ ଡ୍ର'ରୁ ପ୍ରାୟ ୩ ହଜାର ଟଙ୍କା ନେଇଯାଇଥିବା ଶ୍ରୀ ମେହେର କହିଛନ୍ତି। ଏ ସମ୍ବନ୍ଧେ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଆଇଆଇସି ଅନିତା କିଡୋଙ୍କୁ ପଚାରିବାରୁ ସେ କହିଲେ ଆମେ ଦୋକାନୀଙ୍କୁ ଚୋରି ମୋବାଇଲର ତଥ୍ୟ ମାଗିଛୁ ସେ ତଥ୍ୟ ଦେବାପରେ ଚୋରି ମୋବାଇଲଗୁଡିକୁ ଉଦ୍ଧାର କରିବା ସହଜ ହେବ।

# ଫୋକସ୍‌ରେ ଉନ୍ନତ ଶିକ୍ଷା ଭିତ୍ତିଭୂମି

**ବଲାଙ୍ଗିର, ୧୨।୧(ସମିସ)**

ଶିକ୍ଷା ଭିତ୍ତିଭୂମି ସଜାଡିବା ପାଇଁ ଗତ କିଛି ବର୍ଷ ହେଲା ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଏଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ୫-ଟି ସ୍କୁଲ ରୂପାନ୍ତରଣ, ଶିକ୍ଷକ-ଶିକ୍ଷୟିତ୍ରୀ ନିଯୁକ୍ତି ଭଳି ପଦକ୍ଷେପ ରାଜ୍ୟ ସରକାର ନେଇଥିବା ବେଳେ ଗରିବ, ଦଳିତ, ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଭିତ୍ତିଭୂମିର ଉନ୍ନତି ମଧ୍ୟ ଯୋଡ଼ି ହେଉଛି। ଜିଲ୍ଲାରେ ଥିବା ବିଭିନ୍ନ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଆଶ୍ରମ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ବଡ ବଡ କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ନିର୍ମାଣକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ନୂତନ ଭାବେ ଆଦିବାସୀ, ଦଳିତ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ମାଣ ହୋଇଥିବା ହଷ୍ଟେଲର ମଧ୍ୟ ଉଦଘାଟନ କରାଯାଇଛି।

ଶିକ୍ଷା ଭିତ୍ତିଭୂମିର ଉନ୍ନତି ପାଇଁ ସ୍କୁଲ କଲେଜ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଉଛି। ଏହି ଅନୁଦାନରେ ଜିଲ୍ଲାର ରୂପାନ୍ତରିତ ସ୍କୁଲ ଓ କଲେଜ ଏବେ ଉଦାହରଣ ସାଜିଛି। ଗୁଡଭେଲା ବ୍ଲକ ଡାହିମାଲ, ସଇଁନ୍ତଲା ବ୍ଲକ ବ୍ରାହ୍ମଣୀ, ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ, ବେଲପଡ଼ା ବ୍ଲକ କାନୁଟଉଚ୍ଚ ବିଦ୍ୟାଳୟ, ପାଟଣାଗଡ଼ ବ୍ଲକ ସୋଲବନ୍ଧ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ସଦର ବ୍ଲକ ଶିବତଲା ଉଚ୍ଚବିଦ୍ୟାଳୟ, ଦେଓଗାଁ ବ୍ଲକ ଦେଓଗାଁ ପନି ସୁଗର ଉନ୍ନିତ ପ୍ରାଥମିକ ବିଦ୍ୟାଳୟ, ବଙ୍ଗୋମୁଣ୍ଡା ବ୍ଲକ ଶିବତଲା ଉଚ୍ଚ ବିଦ୍ୟାଳୟ, ମୁରିବାହାଲ ବ୍ଲକ ମୁରିବାହାଲ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ

- ବଲାଙ୍ଗିରରେ ରାଜ୍ୟ ସରକାରଙ୍କ ପ୍ରଶଂସନୀୟ ଉଦ୍ୟମ
- ଗ୍ରାମାଞ୍ଚଳ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ସହରାଞ୍ଚଳ ମହାବିଦ୍ୟାଳୟ ରୂପାନ୍ତରଣ ପାଇଁ ଅନୁଦାନ

କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ନୂତନ କୋଠା ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଜେ ବଲାଙ୍ଗିର ଗସ୍ତରେ ଆସି ଶିଳାନ୍ୟାସ କରିଥିଲେ। ଏଥିପାଇଁ ପ୍ରତି ହଷ୍ଟେଲ କେଜିବିଭି ପାଇଁ ୧ କୋଟି ୪ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ସେହିପରି ଟିଟିଲାଗଡ଼ ଡିଏଭି କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ସହରାଞ୍ଚଳ (ଅର୍ବାନ) ଆଦର୍ଶ ହଷ୍ଟେଲ, ଟିଟିଲାଗଡ଼ ମହିଳା ମହାବିଦ୍ୟାଳୟ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହଷ୍ଟେଲ, ତୁଷୁରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହୋଷ୍ଟେଲ, ପାଟଣାଗଡ଼ ଜବାହାର କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହୋଷ୍ଟେଲ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହୋଷ୍ଟେଲ, ପାଟଣାଗଡ଼ ପାଟଣେଶ୍ୱରୀ ମହିଳା ମହାବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହଷ୍ଟେଲ, କଣ୍ଟାବାଞ୍ଜି ମହିଳା ଡିଗ୍ରୀ କଲେଜରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହଷ୍ଟେଲ, କଣ୍ଟାବାଞ୍ଜି ମୁକୁନ୍ଦିଲାଲ ଅଗ୍ରୱାଲ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂଯୁକ୍ତ ଆଦର୍ଶ ହଷ୍ଟେଲ ନିର୍ମାଣ ପାଇଁ ୩ କୋଟି ଲେଖାଏଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ଆଗଲପୁର ବ୍ଲକ ରାମପୁରରେ ୧୨୦ ଶଯ୍ୟା ବିଶିଷ୍ଟ ଆଦିବାସୀ ବାଳିକା ଆଦର୍ଶ ହଷ୍ଟେଲ ନିର୍ମାଣ ପାଇଁ ୩ କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଟିଟିଲାଗଡ଼ରେ ଯୁକ୍ତ ୩ ସରକାରୀ ମହିଳା ଡିଗ୍ରୀ କଲେଜ ନିର୍ମାଣ ପାଇଁ ୯ କୋଟି ୮୧ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଅନ୍ୟପକ୍ଷରେ ଜିଲ୍ଲା ପରିଷଦ ବଲାଙ୍ଗିର ପକ୍ଷରୁ ସଦର ବ୍ଲକ ଶିବତଲା, ଟିଟିଲାଗଡ଼ ବ୍ଲକ ଖୁଲାନ, ଗୁଡଭେଲା ବ୍ଲକ ଡାହିମାଲ, ସଇଁନ୍ତଲା ବ୍ଲକ ବ୍ରାହ୍ମଣୀ, ଖପ୍ରାଖୋଲ, ବେଲପଡ଼ା, ବଙ୍ଗୋମୁଣ୍ଡା ବ୍ଲକରେ ଥିବା କସ୍ତୁରିବା ଗାନ୍ଧୀ ବାଳିକା ବିଦ୍ୟାଳୟର ନିର୍ମାଣ ସରିଥିବା ହଷ୍ଟେଲ ଉଦଘାଟନ ହୋଇଥିଲା। ସେହିପରି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୩୦୦ ଶଯ୍ୟା ବିଶିଷ୍ଟ ମହିଳା ହଷ୍ଟେଲ, ମହିଳା ମହାବିଦ୍ୟାଳୟରେ ୩୦୦ ଶଯ୍ୟା ବିଶିଷ୍ଟ ମହିଳା ହଷ୍ଟେଲର ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିସାରିଛନ୍ତି। ଏଥିପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟ କ୍ରିକେଟ ଟିମ୍ ଚାମ୍ପିଅନ

**ଭବାନୀପାଟଣା, ୧୨।୧ (ସମିସ) :** ଆମ ଓଡ଼ିଶା ନବୀନ ଓଡ଼ିଶା ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କ୍ରିକେଟ ପ୍ରତିଯୋଗିତା ୧୧ ତାରିଖରେ ବିଜୁ ପଟ୍ଟନାୟକ କ୍ରିକେଟ ଷ୍ଟାଡିୟମ୍ ଜୁନାଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ଟି ମହିଳା କ୍ରିକେଟ୍ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ରେ ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା କ୍ରିକେଟ ଟିମ, କଳାହାଣ୍ଡି ମହିଳା କ୍ରିକେଟ୍ ଆସୋସିଏସନ୍‌କୁ ମୁକାବିଲା କରିଥିଲା। ଏହି ଫାଇନାଲ୍ ମ୍ୟାଚରେ ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା କ୍ରିକେଟ ଟିମ ଚାମ୍ପିଅନ ହୋଇଥିଲା। ଏହି ଚାମ୍ପିଅନ ଟିମ୍ ର ଅଧିନାୟକ ସୁଲପାଣି ନାଏକ, କୋଚ୍ ଜିତେନ୍ଦ୍ର ପ୍ରଧାନ, ମ୍ୟାନେଜର ହେମନ୍ତ କୁମାର ମାଝୀ ଓ ଲରେନ୍ସ ସେନାପତି ଉପସ୍ଥିତ ରହି ଟିମକୁ ଉତ୍ସାହିତ କରିଥିଲେ। ଏହି ଉଦଯାପନୀ ଉତ୍ସବରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ଓ ୫୦ ହଜାର ଟଙ୍କାର ନଗଦ ରାଶି ପ୍ରଦାନ କରିଥିଲେ। ଏହା ସହିତ ଓଡ଼ିଶା କ୍ରିକେଟ ଆସୋସିଏସନ ମଧ୍ୟ ନଗଦ ୨୫ ହଜାର ଟଙ୍କା ଚାମ୍ପିଅନ ଟିମକୁ ପ୍ରଦାନ କରିଥିଲେ। ପରିଶେଷରେ ଦର୍ଶକ, ଉପସ୍ଥିତ ଜନତା ଓ ଅତିଥି ସରକାରୀ ମହିଳା ମହାବିଦ୍ୟାଳୟ ଭବାନୀପାଟଣା କ୍ରିକେଟ ଟିମ କୁ ପ୍ରଶଂସା କରିଥିଲେ।




## ଯୁବକଙ୍କ ଆତ୍ମହତ୍ୟା

**ବଲାଙ୍ଗିର,୧୨।୧(ସମିସ):** ପାଟଣାଗଡ଼ ଥାନା ଅନ୍ତର୍ଗତ ଚିଙ୍ଗେରବନ୍ଧ ଗ୍ରାମରେ କିଶୋର ବାଗ (୧୯) ଆତ୍ମହତ୍ୟା କରିଛନ୍ତି। ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ତାଙ୍କର ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଆତ୍ମହତ୍ୟାର କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ।

## ଜେଲ୍‌ରୁ ଚୋରି

**ବଲାଙ୍ଗିର,୧୨।୧(ସମିସ):** ଶୁକ୍ରବାର ଜେଲ ପରିସର ଭିତରେ ବାଡା ଓ ନୂତନ ସେଲ ନିର୍ମାଣ କାମ ଚାଲିଥିବା ବେଳେ ବଗିଚାରୁ ପାଣି ମୋଟର ଓ ଅନ୍ୟାନ୍ୟ ଗୃହ ନିର୍ମାଣ ସାମଗ୍ରୀ ଚୋରି ହୋଇଥିବା ନେଇ ଆଲୋକ ମହାନ୍ତି ଅଭିଯୋଗ କରିଛନ୍ତି। ଗୋଟିଏ ପାଣି ମୋଟର ସମେତ ଲୁହା ରଡ଼ ୩ କ୍ୱିଣ୍ଟାଲ, ଇଲେକ୍ଟ୍ରି ତାର ୧ ବଣ୍ଡଲ, ପାଣି ପାଇପ, ୨ଟି କୋଦାଳ, ୬ଟି ଡଲା ଆଦି ଚୋରି ହୋଇଥିବା ଦର୍ଶାଯାଇଛି।

## ଶାଗୁଆନ ପଟା ଜବତ; ୨ ଅଟକ

**ଦେଓଗାଁ, ୧୨।୧ (ସମିସ):** ଦେଓଗାଁ ବନାଞ୍ଚଳ ରେଞ୍ଜ ଓ ମୋବାଇଲ ଟିମ୍ ମିଳିତ ଉଦ୍ୟମରେ ଚଢଉ କରି ଶାଗୁଆନ ପଟା ସମେତ ୨ଜଣଙ୍କୁ ବନ ବିଭାଗ ଅଟକ ରଖି ପଚରା ଉଚରା ଜାରି ରଖିଛି। ଅଟକ ୨ଜଣ ହେଲେ ସିନ୍ଦେଧକେଲା ଥାନା କୌଡିଆମୁଣ୍ଡାର ହରୀବନ୍ଧୁ ନାଗ ଓ ନେହେରୁ ନାଗ। ଏସିଏଫ ଘନଶ୍ୟାମ ମହନ୍ତଙ୍କ ନେତୃତ୍ୱରେ ଦେଓଗାଁ ଫରେଷ୍ଟର ବ୍ୟାସଦେବ ସାହୁ ସମେତ ମୋବାଇଲ ଟିମ୍ ମିଳିତ ଚଢଉ କରି ସମରା ନିକଟଏକ କ୍ଷେତରୁ ଶାଗୁଆନ ପଟା ଓ ୨ଜଣ କରତିଆଙ୍କୁ ଅଟକ ରଖି ଅଧିକ ତଦନ୍ତ କରାଯାଉଛି। ଅନ୍ୟପଟେ ଏକ ବୋଲେରୋସହ କିଛି ୟୁକାଲିସପଟାସ କାଠକୁ ଜବତ କରି ଗାଡିର ଡ୍ରାଇଭର ସମେତ ଅନ୍ୟ ଜଣକୁ ଅଟକରଖି ତଦନ୍ତ ଚାଲିଥିବା ଜଣାପଡ଼ିଛି।

## ସୋନପୁର ଉପଜିଲ୍ଲାପାଳଙ୍କ ବଦଳି

**ସୋନପୁର, ୧୨।୧ (ସମିସ):** ସୋନପୁର ଉପଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ବଦଳି ହୋଇଛି। କଟକ ମହାନଗର ନିଗମର ଯୁଗ୍ମ କମିଶନର ଭାବେ ତାଙ୍କର ବଦଳି ହୋଇଥିବା ଜଣାପଡ଼ିଛି। ବରଗଡ଼ ବିଡିଓ ସୁରଜ କୁମାର ପଟ୍ଟନାୟକଙ୍କୁ ସୋନପୁର ଉପ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ୧୬।୦୬।୨୦୨୨ରେ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ସୋନପୁର ଉପଜିଲ୍ଲାପାଳ ଭାବେ ଅବସ୍ଥାପିତ ହୋଇଥିଲେ।



## ରେଳ ଲାଇନ୍ ସଂଯୋଗୀକରଣ ଦାବି

**ସୋନପୁର, ୧୨।୧ (ସମିସ):** ସମ୍ବଲପୁର-ଗୋପାଳପୁର ରେଲଲାଇନ ସୁବର୍ଣ୍ଣପୁର ଦେଇ ନିର୍ମାଣ ପାଇଁ ଜିଲ୍ଲା ସଚେତନ ନାଗରିକ ମଞ୍ଚ ପୁଣି ଦାବି ଦୋହରାଇଛି। ଜିଲ୍ଲାପାଳଙ୍କ ଜରିଆରେ ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ପୂର୍ବରୁ ଜିଲ୍ଲା ପ୍ରଶାସନ ଜରିଆରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବଲାଙ୍ଗିର ସାଂସଦଙ୍କୁ ଦାବି ପତ୍ର ଦିଆଯାଇଛି। ଉକ୍ତ ଦାବି ନେଇ ଅନେକଥର ପତ୍ର, ମେଲ୍, ଟୁଇଟ୍ ଆଦି ଜରିଆରେ କେନ୍ଦ୍ର ସରକାରଙ୍କ ପାଖରେ ଦାବି ରଖାଯାଇ ଥିଲେ ମଧ୍ୟ ଜିଲ୍ଲାବାସୀଙ୍କ ଦାବିକୁ ଅଣଦେଖା କରାଯାଇଛି। କନ୍ଧମାଳ ଜିଲ୍ଲାର ସଦର ମହକୁମା ଦେଇ ସମ୍ବଲପୁର ଗୋପାଳପୁର ରେଲଲାଇନ୍ ପାଇଁ ପୁନର୍ବାର ଡି.ପି.ଆର.ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି। ତାହା ଜାଣିବା ପରେ ଆଉଥରେ ରେଳମନ୍ତ୍ରୀଙ୍କୁ ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଜରିଆରେ ସୁବର୍ଣ୍ଣପୁର ଜିଲ୍ଲାକୁ ମଧ୍ୟ ସାମିଲ କରାଯିବା ପାଇଁ ଦାବିପତ୍ର ଦିଆଯାଇଛି। ସଚେତନ ନାଗରିକ ମଞ୍ଚର ଆହ୍ୱାନ କ୍ରମେ ଜିଲ୍ଲାର ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ସଂଘଙ୍କ ଦସ୍ତଖତ ସମ୍?ଳିତ ଉକ୍ତ ଦାବି ପତ୍ର ପ୍ରଦାନ କରାଗଲା। ଏହିଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ସଭପତି ସୀତାଂଶୁ ଶେଖର ମିଶ୍ର, ସମ୍ପାଦକ ଗୁଣନିଧି ମେହେରଙ୍କ ସମେତ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖ ନାଥ ସାହୁ, ଭିକାରୀ ପୃଷ୍ଟି, ପ୍ରଦୀପ ପୁରୋହିତ, ଦୁଃଖିରାମ ନାୟକ, ବାଙ୍କାନିଧି ରାୟଗୁରୁ, ପଞ୍ଚାନନ ବାରିକ, ବିନୋଦ ମେହେର, ନିରଞ୍ଜନ ତ୍ରିପାଠୀ, ଜିତେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଯୋଜନାର ମାଧ୍ୟମ ସାଜିଛନ୍ତି ଏସ୍‌ଡିଏ ଅଧ୍ୟକ୍ଷା

**ତୁରେକେଲା, ୧୨।୧(ସମିସ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଗ୍ରାମାଞ୍ଚଳ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ପ୍ରୟାସ ଜାରି ରହିଛି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗାଁରେ ଏହି ପ୍ରୟାସ ଆରମ୍ଭ କରିଛନ୍ତି ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିଏ) ଉପାଧ୍ୟକ୍ଷା ନିରୁପମା ମାଝୀ। ସେ ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡା ବ୍ଲକ୍‌ର ବିଭିନ୍ନ ଗାଁର ହିତାଧିକାରୀଙ୍କୁ ଭେଟିବା ସହ ଖାଦ୍ୟ ସୁରକ୍ଷା ଯୋଜନା, ବିଜୁ ସ୍ମାର୍ଟକାର୍ଡ, ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ନିଜସ୍ୱ ଉଦ୍ୟମରେ ସହାୟତା କରୁଛନ୍ତି। ନିଜ କଣ୍ଟାବାଞ୍ଜିସ୍ଥିତ ଅଫିସ କାର୍ଯ୍ୟାଳୟରେ ୬ ଜଣ ଯୁବକଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରି ଶହ ଶହ ଲୋକଙ୍କ ରାସନ କାର୍ଡ, ନବୀନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା କାର୍ଡ ଆବେଦନ କରାଉଛନ୍ତି। ଆଉ ଏଠି-ସେଠି ହିତାଧିକାରୀ ହଇରାଣ ହେଉ ନାହାନ୍ତି। ନିରାଶ ହୋଇ ଫେରୁନାହାନ୍ତି। ବର୍ତ୍ତମାନ ଯାଏ ୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଆବେଦନ ହୋଇସାରିଛି। ଅନେକ ଲୋକ ଯୋଜନାରେ ସାମିଲ ହେବା ପାଇଁ ଆସୁଛନ୍ତି। ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ହିତାଧିକାରୀଙ୍କୁ ଯୋଡ଼ିବା ଏବଂ ବିକାଶ କାର୍ଯ୍ୟକୁ ସଫଳ କରିବା ଲକ୍ଷ୍ୟ ରହିଛି ବୋଲି ଶ୍ରୀମତୀ ମାଝି ପ୍ରକାଶ କରିଛନ୍ତି। ଏହି ପ୍ରୟାସକୁ କଣ୍ଟାବାଞ୍ଜି ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହ ବିଭିନ୍ନ ଅନୁଷ୍ଠାନ ସଦସ୍ୟ ପ୍ରଶଂଶା କରିଛନ୍ତି।



## 'ନୂଆ-ଓ': ଭାଷା ଓ ଜଗନ୍ନାଥ ସଂସ୍କୃତି ଉପରେ କାର୍ଯ୍ୟକ୍ରମ

**ତରଭା, ୧୨।୧ (ସମିସ):** ତରଭା ଏଇଏସ କଲେଜରେ ଦ୍ୱିତୀୟ ପର୍ଯ୍ୟାୟ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ସଭାପତିତ୍ୱରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ଓ ଛାତ୍ରଛାତ୍ରୀ ଭାଷା, ଜଗନ୍ନାଥ ସଂସ୍କୃତି, ଲୋକ ନୃତ୍ୟ, କବିତା, ପ୍ରବନ୍ଧ, ବିତର୍କ, ନିଜ ଦକ୍ଷତା ପ୍ରତିପାଦନ କରି ଭାଷା ସମ୍ମିଳନୀରେ ଭାଗ ନେବା ଏହି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ଦେବେନ୍ଦ୍ର ବିଜୟ ସାହୁ ମୁଖ୍ୟବକ୍ତା ଓ ସାମ୍ବାଦିକ ରାଜେଶ ମେହେର, ଅକ୍ଷୟ ବାଘ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବରେ ଯୋଗ ଦାନକରି ଛାତ୍ରଛାତ୍ରୀ ମାନଙ୍କୁ ଭାଷା ଓ ଜଗନ୍ନାଥ ସଂସ୍କୃତିରେ ଦକ୍ଷତା ବୃଦ୍ଧି କରିବା ପାଇଁ ଆଲୋକପାତ କରିଥିଲେ। ତରଭା କଲେଜ ଯୁକ୍ତ ୨ ଓ ଯୁକ୍ତ ୩ ର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ମନୋ ରଞ୍ଜନ ଭୋଇ କାର୍ଯ୍ୟକ୍ରମର ଉଦେଶ୍ୟ ଜ୍ଞାପନ କରିଥିଲେ ଓ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଓ କର୍ମଚାରୀ ସହଯୋଗ କରିଥିଲେ।




## ଅର୍ପଣରଥ ପରିକ୍ରମା ବେଳେ ଆକ୍ରମଣ ଅଭିଯୋଗ

**ଦେଓଗାଁ, ୧୨।୧ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତରେ ଅର୍ପଣରଥ ପରିକ୍ରମା ସମୟରେ ସମ୍ପୃକ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ହୋଇଥିବା ନେଇ ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ଉଡାର ଗାଁରେ ଉକ୍ତ ଗାଁର ରାମକୃଷ୍ଣ ସାହୁ ପିଇଓ ବିରେନ୍ଦ୍ର ଛତ୍ରିଆଙ୍କୁ ଜାତିଆଣ ଆକ୍ଷେପ କରି ପିନ୍ଧିଥିବା ସାର୍ଟକୁ ଚିରିଦେଇ ଧକ୍କା ଦେଇଥିବା ଇଓ ଛତ୍ରିଆ ଥାନାରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାମକୃଷ୍ଣ ସାହୁ ମଧ୍ୟ ସମ୍ପୃକ୍ତ ପିଇଓ ମାଡ ମାରିଥିବା ନେଇ ଥାନାରେ ଲିଖିତଭାବେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉଭୟ ପକ୍ଷରୁ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି।

## ଟଙ୍କା ନେଇ ଏନଜିଓ ଅଧିକାରୀ ଫେରାର

**ବଲାଙ୍ଗିର, ୧୨।୧ (ସମିସ):** ଗ୍ରାମାଞ୍ଚଳରେ ଗରିବ ପିଲାଙ୍କୁ ମାଗଣା ଶିକ୍ଷା ଦେବାକୁ କହି ଆଦର୍ଶ ଏନଜିଓର ଅଧିକାରୀ ଫେରାର ଥିବା ଅଭିଯୋଗ ହୋଇଛି। ଏନେଇ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଅଞ୍ଚଳର ପୁରୁଷ ଓ ମହିଳା ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାମାଳର ନିର୍ମାଣ ବସ୍ତିଆ ସେମାନଙ୍କୁ ଗ୍ରାମାଞ୍ଚଳର ଗରିବ ପିଲାଙ୍କୁ ପାଠ ପଢିବାକୁ କହିଥିଲେ। ସେମାନଙ୍କୁ ଶ୍ରମିକ ଭାବରେ ୩ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଏହା ବାବଦକୁ ଯୁବକ ଯୁବତୀଙ୍କଠାରୁ କିଛି ଟଙ୍କା ନେବା ପରେ ସେ ଏବେ ଆଉ ଧରା ଛୁଆଁ ଦେଉନାହାନ୍ତି। ଠକେଇର ଶିକାର ହୋଇଥିବା ସମସ୍ତ ଯୁବକ ଯୁବତୀ ଏସପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେବ ସହ ତାଙ୍କୁ ଧରି ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।


ଅଭିଯୁକ୍ତର ଫାଇଲ ଫଟୋ

## ପାଣି ସମସ୍ୟା ନେଇ ରାସ୍ତା ଅବରୋଧ

**ଲାଞ୍ଜିଗଡ଼, ୧୨।୧(ସମିସ):** ବିଶୁଦ୍ଧ ପାନୀୟଜଳ ପହଞ୍ଚାଇବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଳ ଯୋଗାଣ ପ୍ରକଳ୍ପ କରୁଛନ୍ତି।କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ଉପାନ୍ତ ଅଞ୍ଚଳ ଗୁଡିକରେ ଏବେ ମଧ୍ୟ ପାନୀୟ ଜଳ ପାଇ ନାଇ ନଥିବା ଅସୁବିଧା ଭୋଗୁଛନ୍ତି ଲୋକେ। ଯାହା ଫଳରେ ଆଜି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ବେନଗାଁ ଗ୍ରାମ ପଞ୍ଚାୟତ ସମ୍ମୁଖରେ ବିଶ୍ୱନାଥପୁର ଓ ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି ବେନଗାଁ ଗ୍ରାମବାସି କ୍ଷଆଜି ଶୁକ୍ରବାର ବେନଗାଁ ସପ୍ତାହିକ ବଜାର ହୋଇଥିବାବେଳେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ ହୋଇଯାଇଥିବା ବେଳେ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବେନଗାଁ ଗ୍ରାମବାସୀ ପୂର୍ବରୁ ମଧ୍ୟ ଏହି ପାନୀୟଜଳ ସମସ୍ୟାକୁ ନେଇ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅନେକ ଗୁହାରି ଆଉ ଅଭିଯୋଗ କରିବା ସତ୍ତ୍ୱେ କିଛି ଦିନ ତଳେ ପୁଣି ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଏମିତି ବାରମ୍ବାର ଅଭିଯୋଗ ପରେ ବି କୌଣସି ପ୍ରକାର ସମସ୍ୟାର ସମାଧାନ ନ ହେବାରୁ ବାଧ ହୋଇ ଆଜି ଗ୍ରାମବାସୀ ବହୁ ସଂଖ୍ୟାରେ ଏକତ୍ରିତ ହୋଇ ବିଶ୍ୱନାଥପୁର ଠାରୁ ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ହାଣ୍ଡି, ଗରିଆ ବାଲଟି ରଖି ରାସ୍ତାରୋକ କରିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର ଆରଡବ୍ଲୁ ଏସଏସ ଯନ୍ତ୍ରୀ ମୋହନ ଚରଣ ଶିଆଳଙ୍କୁ ଘଟଣା ସ୍ଥଳକୁ ପଠେଇବା ପରେ ବେନଗାଁ ସରପଞ୍ଚ ପୁରାଣା ମାଝୀ ଓ ଯନ୍ତ୍ରୀ ମୋହନ ଚରଣ ଶିଆଳ ପହଞ୍ଚି ଏକ ଲିଖିତ ପ୍ରତିଶ୍ରୁତି ଦେଇ ବୁଝାସୁଝା କରିବା ପରେ ପ୍ରାୟ ୮ ଘଣ୍ଟା ପରେ ରାସ୍ତା ରୋକ ସ୍ୱାଭାବିକ ହୋଇଥିଲା।

# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ

# ଭାବଭକ୍ତିରେ ସମର୍ପିଲେ ଅକ୍ଷତ ଓ ଗୁଆ






**ବୀରମହାରାଜପୁର, ୧୨।୧(ସମିସ)**

ସ୍ଥାନୀୟ ଚମ୍ପାମାଳ ଓ ଉଫୁଲା ଗ୍ରାମ ପଞ୍ଚାୟତରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ଓ ସମର୍ଦ୍ଧନା ଦିଆଯାଇଥିଲା। ଚମ୍ପାମାଳ, ଚମ୍ପାପୁର, ଝାରକୁମୁଣ୍ଡା ଗ୍ରାମରେ ରଥ ପରିକ୍ରମା କରିଥିଲା। ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା ନେତୃତ୍ୱ ନେଇଥିଲେ। ଉଫୁଲା ଗ୍ରାମ ପଞ୍ଚାୟତ ର ଖମେଶ୍ୱରି ପାଲି ଦଧିବାମନ ମନ୍ଦିର ରୁ ଅର୍ପଣ ରଥର ଶୁଭାରମ୍ଭ ହୋଇ ଦ୍ୱିତୀୟ ଦିବସରେ ଟିଠୀ ପାଲି, ନାଏକ ପାଲି, ଦନ୍ତା ପାଲି, ବିକଲ ପାଲି, କାନ ପୁର, ପଣ୍ଡା ପାଲି, କ୍ଷେତି ସାହି, ରଥ ପୁର, ଜେଲ ପଡ଼ା, ମେହେର ପଡ଼ା, ପାଣ୍ଡିଆ ପାଲି ଗ୍ରାମବାସୀଙ୍କ ଉପସ୍ଥିତି ରେ ଗ୍ରାମ ସଙ୍କୀର୍ତ୍ତନ ମଣ୍ଡଳୀର ହରିବୋଲ ହୁଳହୁଳି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅର୍ପଣ ରଥ କୁ ପରିକ୍ରମା କରାଯାଇ ଥିଲା। କଣ୍ଠ ଶିଳ୍ପୀ ନାରାୟଣ ମହାକୁରଙ୍କ ଭଜନ ଓ ଜଗନ୍ନାଥ ସଂସ୍କୃତିର ଗବେଷକ ଦ୍ୱୀତିକୃଷ୍ଣ ପଣ୍ଡାଙ୍କ ପ୍ରବଚନ ସହ ଶ୍ରଦ୍ଧାଳୁଙ୍କ ସଂକଳ୍ପ ପୂଜା ବିଧି ପୂର୍ବକ ଅକ୍ଷତ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରି ଶ୍ରଦ୍ଧାଳୁମାନେ ଜଗତର ନାଥ ଜଗନ୍ନାଥଙ୍କ ସାନ୍ନିଧ୍ୟ ଲାଭ କରିଥିଲେ। ସରପଞ୍ଚ ଶ୍ରୀୟା କର୍ମୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅର୍ପଣ ରଥ ପରିକ୍ରମା ନେତୃତ୍ୱ ନେଇଥିବା ବେଳେ ସମସ୍ତ ୱାର୍ଡ ମେମ୍ବର, ସରକାରୀ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିଥିଲେ।

**ସୁବଳୟା :** ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତରେ ବୁଲିଲା ଅର୍ପଣ ରଥ। ଆମରପାଲି, ବହଳପଦର, ଭାଲୁଡୁଙ୍ଗୁରି, ଗୌଡ଼ଗାଡ଼, ବିଶାଳପାଲି, ଚିଙ୍ଗିରାନାଲି, ବଡ଼ମାଳ, କେଶଲଗା, କେନ୍ଦୁପାଲି, ଗାଁ ମାନଙ୍କର ପ୍ରତ୍ୟେକ ଘରକୁ ଘର ଯାଇ ପ୍ରତ୍ୟେକ ଘରୁ ଚାଉଳ, ଗୁଆ, ନଡ଼ିଆ ସଂଗ୍ରହ କରାଯାଇଥିଲା। ସରପଞ୍ଚ ନିରୁପମା ସେଠୀଙ୍କ ଅଧ୍ୟକ୍ଷତାରେ ଗାଁ ମାନଙ୍କ ରୁ ସଂକୀର୍ତ୍ତନ ଦଳ କୀର୍ତ୍ତନ କରି ଅର୍ପଣ ରଥକୁ ପରିକ୍ରମା କରାଇଥିଲେ।

**ବିନିକା :** ଅର୍ପଣ ରଥ ପରିକ୍ରମା କରିବାର ଆଜି ଚତୁର୍ଥ ଦିନରେ ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ ୧୦ ଓ ୧୧ନଂ ୱାର୍ଡରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅର୍ପଣ ରଥ ବିନିକା ଏନଏସି ରୁ ବାହାରି ମୁଖ୍ୟ ସଡ଼କ ଦେଇ ଉଲ୍ଲେ ଗ୍ରାମରେ ପହଞ୍ଚିଥିଲା। ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଗ୍ରାମବାସୀ ଉପସ୍ଥିତ ରହି ଅର୍ପଣ ରଥକୁ ସ୍ୱାଗତ କରିଥିଲେ। ମହିଳା ମାନେ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପ୍ରଭୁଙ୍କ ଜୟଗାନ କରି ଅରୁଆ ଚାଉଳ, ଗୁଆ ପ୍ରଦାନ କରିଥିଲେ। ପରେ ରଥ କଇରାପାଲି, ରହିଲା, ଭମରପାଲି ଗ୍ରାମରେ ପରିକ୍ରମା କରିଥିଲା। ରଥକୁ ସବୁ ସ୍ଥାନରେ ଭକ୍ତିମୟ ପରିବେଶରେ ଶ୍ରଦ୍ଧାଳୁ ଭକ୍ତ ଜଗନ୍ନାଥ ଧ୍ୱନି ଦେଇ ସ୍ୱାଗତ କରିଥିଲେ।

**ନୂଆପଡ଼ା /ଖଡ଼ିଆଳ :** ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରଷଦ ପକ୍ଷରୁ ଜଗନ୍ନାଥ ଅର୍ପଣ ରଥକୁ ବିପୁଳ ସମ୍ବର୍ଦ୍ଧନା। ରଥକୁ ସହରର ଗଳିକନ୍ଦିକୁ ବିଶାଳ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିବାବେଳେ ସବୁ ଜାଗାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପରିକ୍ରମା ସମୟରେ ଖଡିଆଳ ନଗର ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ୱାର୍ଡର ସ୍ୱୟଂ ସହାୟକ ଦଳର ମହିଳା, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ମାନେ ସାମିଲ ଥିଲେ। ଏହି ରଥ ଠାକୁରାଣୀ ମନ୍ଦିରଠାରୁ ବ୍ଲକ ଛକ ଠାରେ ଆସି ପହଞ୍ଚିଥିଲା।

**ଶଗଡ଼ା :** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ନାରାୟଣ ପ୍ରସାଦ ଗ୍ରାମ ପଞ୍ଚାୟତରେ ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥକୁ ସ୍ଥାନୀୟ ସରପଞ୍ଚ ତାରାକାନ୍ତି ମାଝୀ ଭବ୍ୟ ସ୍ୱାଗତ କରି ପାଛୋଟି ନେଇଥିଲେ। ପରେ ପଞ୍ଚାୟତ ପ୍ରାଙ୍ଗଣରେ ଜୟ ଜଗନ୍ନାଥ ଅର୍ପଣ ରଥକୁ କଳସ ସ୍ଥାପନ ସହ ଧୂପଦୀପ ପ୍ରଜ୍ୱଳନ କରି ପୂଜାର୍ଚ୍ଚନା କରିବା ପରେ ଅକ୍ଷତ ଚାଉଳ ଓ ଗୁଆ ଅର୍ପଣ କରି ରଥକୁ ଗ୍ରାମ୍ୟ ପରିକ୍ରମା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ ଓ ଜିଆରଏସ ନବୀନ ପ୍ରଧାନ, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମ୍ୟ ପରିକ୍ରମା ନିମନ୍ତେ ଅର୍ପଣ ରଥ ବାହାରିଥିଲା। ଗ୍ରାମବାସୀଙ୍କ ତରଫରୁ ମହିଳା ଓ ପୁରୁଷ ସଂକୀର୍ତ୍ତନ୍ୟମଣ୍ଡଳୀ ସହିତ ସମବେତ ମହିଳା ଓ ପୁରୁଷ ମାନେ ଘଣ୍ଟ, ଶଙ୍ଖ ହରିବୋଲ ଓ ହୁଳହୁଳି ସହିତ ଜୟ ଜଗନ୍ନାଥ ନାରା ଦେଇ ରଥକୁ ସ୍ୱାଗତ କରିଥିଲେ। ଘରେ ଘରେ ଦୀପ ପ୍ରଜ୍ୱଳନ କରି ରଥକୁ ସ୍ୱାଗତ କରି ଅକ୍ଷତ ଚାଉଳ ଓ ଗୁଆ ଅର୍ପଣ କରିଥିଲେ।

# କଳମପୁରରେ ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'



**କଳମପୁର, ୧୨।୧(ସମିସ)** କଳା ଓ ସଂସ୍କୃତିରେ ଭରପୁର ରହିଥିବା କଳାହାଣ୍ଡି ଜିଲ୍ଲାରେ ଆନନ୍ଦ ଉଲ୍ଲାସ ସହ ପାଳନ କରାଯାଇଥାଏ କଳାହାଣ୍ଡି ଉତ୍ସବ ଘୁମୁରା। ଏହି ଉତ୍ସବଟି ବ୍ଲକ ସ୍ତରରୁ ଆରମ୍ଭ ହୋଇ ଉପଖଣ୍ଡ ଏବଂ ଜିଲ୍ଲା ସ୍ତରରେ ମଧ ପାଳନ ହେଉଥିବା ବେଳେ ଗୁରୁବାର ଦିନ କଳମପୁର ପଞ୍ଚାୟତ ସମିତି ପକ୍ଷରୁ କଳମପୁର ମିନିଷ୍ଟଡିୟମ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪ ପାଳିତ ହୋଇଯାଇଛି। କଳାହାଣ୍ଡି ଉତ୍ସବ ଅବସରରେ ସର୍ବ ପ୍ରଥମେ ସକାଳ ୮ଘଣ୍ଟା ସମରରେ କଳମପୁର ଲଙ୍କେଶ୍ୱରୀ ମନ୍ଦିର ଏବଂ ନିର୍ମାଲ୍ୟ କ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରେ ପୂଜାର୍ଚ୍ଚନା କରାଯିବା ପରେ ମଶାଲ ଶୋଭାଯାତ୍ରା କଳାହାଣ୍ଡି ଉତ୍ସବ ମଞ୍ଚରେ ପହଞ୍ଚି ଉଦଘାଟନ ସହ ଦ୍ୱୀପ ପ୍ରଜ୍ୱଳନ କରିଥିଲେ, ସକାଳ ୧୦ଘଣ୍ଟା ସମୟରେ ବିଭିନ୍ନ ପ୍ରତିଯୋଗୀତା ଆରମ୍ଭ କରାଯାଇଥିଲା। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କଳାହାଣ୍ଡିର ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକନୃତ୍ୟ, ଲୋକବାଦ୍ୟ ଓ ସଙ୍ଗୀତ ପରିବେଶଣ ଆୟୋଜିତ ହୋଇଥିଲା। କଳାହାଣ୍ଡି ଉତ୍ସବ ଘୁମୁରା ସମାରୋହରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରତିଯୋଗିତାରେ ଭାଗ ନେଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇ ଥିଲା। ଉତ୍ସବ ମଞ୍ଚରେ ଭବାନୀପାଟଣା ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନର ବଜାସାଲ ଓ ଅର୍ଚ୍ଚନା ପାଢ଼ୀ ମେଲୋଡି ପରିବେଷଣରେ ଦୁଲୁକି ଥିଲା କଳାହାଣ୍ଡି ଉତ୍ସବ ମଞ୍ଚ। ଉଦଯାପନୀ ସନ୍ଧ୍ୟାରେ ବ୍ଲକ ଅଧକ୍ଷା ମୋତି ବିହାରୀଙ୍କ ସଭାପତିତ୍ୱ କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ମୁଖ୍ୟ ବକ୍ତା ଭାବରେ ଥୁଆମୁଲ ରାମପୁର କଲେଜ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଭାବରେ ଧର୍ମଗଡ ବିଧାୟକ ମୌଷଧି ବାଗ, ବିଡ଼ିଓ ବିଜୟ କୁମାର ମାଣ୍ଡାଙ୍ଗି, ଉପାଧକ୍ଷ ଚିନ୍ତାମଣି ବେହେରା, ତହସିଲଦାର ସ୍ମରଣିକା ତୁଲ୍, ଡାକ୍ତର ସୋନାଲି ପଣ୍ଡା, ଏଇ ସୃତିରଞ୍ଜନ୍ ସେଠି, ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ରାଜପୁତ, ଜିଲ୍ଲା ପରିଷଦ ସଭ୍ୟା ଦୁହିତା ମାଝୀ, ନିବେଦିତା ହଂସ, ସମସ୍ତ ସମିତି ସଭ୍ୟ, ସରପଞ୍ଚ, ମୃତ୍ୟୁଞ୍ଜୟ ବିହାରୀ ପ୍ରମୁଖ ମଞ୍ଚାସିନ ଥିଲେ।

● ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'

# ବୁଢ଼ାରଜାଙ୍କ ପୀଠରୁ ବାହାରିଲା ମଶାଲ ଶୋଭାଯାତ୍ରା

**କୋକସରା,୧୨।୧(ସମିସ) :** ଜିଲ୍ଲା ସଂସ୍କୃତି ପରିଷଦ ଓ ନେହରୁ ଯୁବ କେନ୍ଦ୍ର ପକ୍ଷରୁ ଶୁକ୍ରବାର କଳାହାଣ୍ଡିର ଆରାଧ ଦେବତା ଆମପାଣି ବୁଢ଼ାରଜାଙ୍କ ପୀଠରୁ ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ମଶାଲ ଶୋଭାଯାତ୍ରା ବାହାରିଛି। ବୁଢ଼ାରଜା ମନ୍ଦିରରୁ ପୂଜାର୍ଚ୍ଚନା ପରେ ମଶାଲ ବାହାରିଥିଲା। ଆମପାଣିଠାରେ ସ୍ଥାନୀୟ ସରପଞ୍ଚ ରୁକ୍ମିଣୀ ବାଣୁଆ, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ମନୋରଞ୍ଜନ ବାଣୁଆ, ସୋନୁ ଅଗ୍ରୱାଲ ପ୍ରମୁଖ ସାମିଲ ହୋଇ ଉତ୍ସାହିତ କରିବା ସହ ସ୍ୱାଗତ ଜଣାଇଥିଲେ। ପରେ ସିଉନୀ ଓ କାଉଡୋଲା ଠାରେ ମଧ ମଶାଲକୁ ସ୍ୱାଗତ କରାଯାଇଥିଲା। ସେଠାରୁ ମଶାଲ କୋକସରା ପହଞ୍ଚିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ ସେହ୍ନପ୍ରଭା ମାଝୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ଖର୍ସେଲ, କନିଷ୍ଠ ଯନ୍ତ୍ରୀ କିର୍ତ୍ତି ବେହେରା, ସୁକାନ୍ତ ବେହେରା ସମେତ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ସେଠାରୁ ମଶାଲ ମୋଟେର ପହଞ୍ଚିବା ପରେ ମଶାଲକୁ ଭବ୍ୟ ସ୍ୱାଗତ କରାଯାଇ ଭବାନୀପାଟଣା ଅଭିମୁଖେ ବିଦାୟ ଦିଆଯାଇଥିଲା। ଏହି ମଶାଲ ଶୋଭାଯାତ୍ରାକୁ ନେହେରୁ ଯୁବ କେନ୍ଦ୍ର କୋକସରା ବ୍ଲକ ରାଷ୍ଟ୍ରିୟ ସ୍ୱେଚ୍ଛାସେବୀ ଚରଣ ସିଂ ବାଗ, ଦୃମାଣ୍ୟ ସବର, ଠାକୁର ନାଏକ ଓ ରଞ୍ଜନ ଗହିର ପରିଚାଳନା କରୁଛନ୍ତି।



# ଏନ୍‌ଏସିସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ

**କେସିଙ୍ଗା, ୧୨।୧ (ସମିସ):** ଜିଲ୍ଲାର କଳା,ସଂସ୍କୃତି ଓ ପରମ୍ପରାର ଦର୍ପଣ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ ଇତି ମଧରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ ଏ ସି ରେ ଉଦଯାପିତ ହୋଇଯାଇଛି। ଗତ ଗୁରୁବାର ଦିନ ସକାଳୁ କେସିଙ୍ଗା ବିଦ୍ୟାପୀଠ ଖେଳ ପଡିଆ ରେ ଅନୁଷ୍ଠିତ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ କେସିଙ୍ଗା ଇଷ୍ଟ ଦେବୀ ମା ବୁଢ଼ା ଡଙ୍ଗରଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବୁଢ଼ା ଡଙ୍ଗର ମଞ୍ଚ ରେ ସ୍ଥାପିତ କରାଯାଇ ଉତ୍ସବ ଆରମ୍ଭ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ନଗରପାଳ ନୃପରାଜ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସଭା ସାଂସଦ ସୁଜିତ କୁମାର, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କିରଣ ବେହେରା, ଅଞ୍ଚଳର ବରିଷ୍ଟ ଡାକ୍ତର ହେମ ସାଗର ସାହା, ଉପ ନଗର ପାଳ ସରସ୍ୱତୀ ସାହା ଓ ସମସ୍ତ କାଉନସିଲର ସଦସ୍ୟ ସଦସ୍ୟା ମାନେ ମଞ୍ଚାସୀନ ଥିଲେ। ଏହି ଉତ୍ସବ ଅବସରରେ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୫ ଜଣ ବ୍ୟକ୍ତି ବିଶେଷ ଶିକ୍ଷା ପାଇଁ ମଞ୍ଜୁମେଧା ଗୁରୁ, କ୍ରୀଡା ପାଇଁ ଅଶ୍ୱିନୀ ପାଇକରାଏ, ଚାଷ ପାଇଁ ଗୋକୁଳ ନାଏକ, ସାହସିକତା ପାଇଁ ବିନୋଦ ନାଗ ଓ କଳା ସଂସ୍କୃତି ପାଇଁ ତ୍ରିନାଥ ବଗର୍ତ୍ତିଙ୍କୁ ବୁଢ଼ା ଡଙ୍ଗର ମଞ୍ଚ ରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ବିଜେଡି ନଗର ସଭାପତି ରମେଶ ପଟ୍ଟନାୟକ, ଯୁବନେତା ସିଲୁ ପରିଡ଼ା, ସୁରେଶ ମହାନନ୍ଦ ଓ ପ୍ରମୁଖ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ବି ଚନ୍ଦ୍ର ଶେଖେର ଆଚାରୀ ଓ ଜି କ୍ରୀଷ୍ଣା ରେଡ୍ଡୀ।




## ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ

**ଜୟପାଟଣା, ୧୨।୧(ସମିସ):** କଳାହାଣ୍ଡିର ଐତିହ୍ୟ ପରମ୍ପରାର ବାର୍ତ୍ତାବହ କଳାହାଣ୍ଡି ଉତ୍ସବ ଘୁମୁରା। ଜୟପାଟଣାଠାରେ ବ୍ଲକ୍ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ତାଳଗୁଡ଼ ମା ଡୋକୋରୀ ଦେବୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ଦୀର୍ଘ ୧୫ କିମି ପର୍ଯ୍ୟନ୍ତ ଜୟପାଟଣା ଉମାଶଙ୍କର ହାଇସ୍କୁଲ ପଡିଆରେ ପହଞ୍ଚିଥିଲା। ବ୍ଲକ ଅଧ୍ୟକ୍ଷ ଅନୁଷ୍ଠାନିକ ଭାବେ ଉତ୍ସବର ଘୋଷଣା କରିଥିବା ବେଳେ ସମସ୍ତ ଜନପ୍ରତିନିଧିଙ୍କ ଦ୍ୱାରା ମଞ୍ଚ ଉଦଘାଟିତ ହୋଇଥିଲା। ଏହି ମଶାଲ ଯାତ୍ରାରେ ବ୍ଲକ ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ,୨୨ଗୋଟି ଗ୍ରାମପଞ୍ଚାୟତ ର ସରପଞ୍ଚ, ସମିତି ସମିତି ସଭ୍ୟ ସଭ୍ୟା ସାମିଲ ହୋଇ ୨୩ ଗୋଟି ମଶାଲ ଧରି ଯାତ୍ରା କରିଥିବା ବେଳେ ଅଞ୍ଚଳର ଶହ ଶହ ଜନସାଧାରଣ ସାମିଲ ହୋଇଥିଲେ। ପରେ ମହିଳା,ସ୍କୁଲ, କଲେଜ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷ, ବିଡ଼ିଓ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସରକାରୀ ସହ ବିଭିନ୍ନ ସଂସ୍ଥାର ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।

# ଜିଲ୍ଲାସ୍ତରୀୟ କଳାହାଣ୍ଡି ଉତ୍ସବ ଉପଲକ୍ଷେ ମଶାଲ ଯାତ୍ରା

**ଧର୍ମଗଡ଼, ୧୨।୧ (ସମିସ) :** କଳାହାଣ୍ଡି ଉତ୍ସବ ୨୦୨୪ ପାଇଁ ଭବାନିପାଟଣା ଅଭିମୁଖେ ଧର୍ମଗଡ ମା ଭଣ୍ଡାରଘରଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୧୪ ତାରିଖ ଦିନ ଭବାନିପାଟଣା ପହଞ୍ଚିବା ନେଇ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକର ସେକ୍ସନ୍ ଅଫିସର୍ ମହେଶ କୁମାର ଦଲାଇ ସମେତ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇଥିଲେ। ଉକ୍ତ ମଶାଲ ଯାତ୍ରା କୁ ନେହେରୁ ଯୁବ କେନ୍ଦ୍ର କଳାହାଣ୍ଡି କୋଡିନେଟ୍ କରୁଥିବା ବେଳେ ଏସ୍.ଏ.କେ ଧର୍ମଗଡ ଟିମ୍ ର ଅଙ୍କିତ ସେଠୀ, ଗୋବିନ୍ଦ ସାହୁ ମା ଡୁମେର୍ ଯୁବକ ସଂଘ କାଙ୍କେରୀ ର ଅଭିଷେକ ବାଗ, ଜୟନ୍ତ ସୁନାନୀ ଏବଂ ପୁର୍ବତନ ଜାତୀୟ ସ୍ୱେଚ୍ଛାସେବୀ ସୁଧିର ଗୋପାଲ ସାମିଲ ହୋଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ମଶାଲ ଶୋଭାଯାତ୍ରା କୁ ବିଭିନ୍ନ ପଞ୍ଚାୟତ ଠାରେ ସ୍ୱାଗତ କରିବା ସହ ବଣ୍ଡାକୁଟୁରା ଠାରେ କର୍ତ୍ତବ୍ୟ ପକ୍ଷରୁ ମଧ ସ୍ୱାଗତ କରାଯାଇଛି। ଏହି ମଶାଲ ଶୋଭାଯାତ୍ରାକୁ କାଙ୍କେରୀ ମା ଡୁମେର୍ ମୁଡେନ୍ ଯୁବକ ସଂଘ୍ ର ସଭାପତି, ଟିମ ଏସ୍.ଏ.କେ ର ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଜାତୀୟ ସ୍ୱେଚ୍ଛାସେବୀ ମହେଶ୍ୱର ସୁନାନୀ ପରିଚାଳନା କରୁଛନ୍ତି।



# ଅର୍ପଣ ରଥକୁ ଭବ୍ୟ ସ୍ୱାଗତ



**କେସିଙ୍ଗା, ୧୨।୧ (ସମିସ) :** ଶୁକ୍ରବାର କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସିରେ ପହଞ୍ଚି ଥିଲା ଅର୍ପଣ ରଥ। ରଥକୁ ସ୍ୱାଗତ କରିବା ପାଇଁ ଜମିଥିଲା ଭକ୍ତ ଙ୍କ ଭିଡ଼। ହରିବୋଲ ହୁଳହୁଳି କୀର୍ତ୍ତନ କରି ସହ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ସହିତ କେସିଙ୍ଗା ନଗର ପାଳ ନୃପରାଜ ଯାଦବ, ଉପ ନଗରପାଳ ସରସ୍ୱତୀ ସାହା ସମେତ ସମସ୍ତ କାଉନସିଲର ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଅର୍ପଣ ରଥ କୁ ଭବ୍ୟ ସ୍ୱାଗତ କରିଥିଲେ। ସହରର ସମସ୍ତ ୧୨ଟି ୱାର୍ଡ ଅର୍ପଣ ରଥ ବୁଲି ଅକ୍ଷତ ଚାଉଳ ଓ ଗୁଆ ସଂଗ୍ରହ କରିବ।

● ମହିଳାଙ୍କୁ ଅସଦାଚରଣ ମାମଲା

# ଅଭିଯୁକ୍ତକୁ ୩ ବର୍ଷ ସଶ୍ରମ କାରାଦଣ୍ଡ

**କେସିଙ୍ଗା, ୧୨।୧(ସମିସ):** ଶୁକ୍ରବାର ଦିନ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକଙ୍କ ଅଦାଲତ ରେ ଏକ ବିଚାର ର ଶୁଣାଣି କରି ଅଭିଯୁକ୍ତକୁ ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୁକ୍ତ କ୍ରୀଷ୍ଣା ମାଝୀ(୪୩) କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହିତ ଏକ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ଏକ ମାସ ପାଇଁ କାରାଦଣ୍ଡ ରେ ରହିବା ପାଇଁ ଆଦେଶ ଶୁଣାଇଛନ୍ତି।

ପ୍ରକାଶ ଥାଉକି ୧୬/୧/୨୦୧୮ ତାରିଖରେ ରାତ୍ର ୧୦.୩୦ରେ ଅଭିଯୋଗକାରିଣୀ ସୁମତି(ଛଦ୍ମନାମ) ନିଜ ଘରେ ଶୋଇଥିବା ସମୟରେ ଅଭିଯୁକ୍ତ କ୍ରୀଷ୍ଣା ମାଝୀ ଜବରଦସ୍ତି ଘର ଭିତରେ ପଶି ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିଥିଲା। ଏ ନେଇ ଆଦର୍ଶ ଥାନା କେସିଙ୍ଗାରେ ୧୭/୦୧/୨୦୧୮ ରେ କେସ ପଞ୍ଜିକରଣ କରାଯାଇ ଥିଲା। ଏ ଏସ ଆଇ ଶଶିଭୂଷଣ ମଙ୍ଗରାଜ ଘଟଣା ର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ଏଥିରେ ସରକାରଙ୍କ ତରଫରୁ ୭ଜଣ ସାକ୍ଷୀ ଉପସ୍ଥାପନ କରାଯାଇ ଥିବା ବେଳେ ସରକାରଙ୍କ ତରଫରୁ ସହକାରୀ ସରକାରୀ ଓକିଲ ସତ୍ୟନାରାୟଣ ଜୈନ୍ ଓ ପ୍ରକାଶ କୁମାର ଦାସ ମାମଲା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ମିନି ମାରାଥନ୍

**କୋମନା,୧୨।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ନୂଆପଡ଼ା ଯୁବ କଂଗ୍ରେସ ପକ୍ଷରୁ ୯ମ ଜିଲ୍ଲାସ୍ତରୀୟ ମିନି ମାରାଥନ୍ ପ୍ରତିଯୋଗିତା ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଶାହରୁଖ୍ ଖାନ୍‌ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଉଦ୍ୟାନବନ୍ଧ ଆମ୍ବେଦକର ଛକ ରୁ ଆରମ୍ଭ ହୋଇ କୋମନା ବସ ଷ୍ଟାଣ୍ଡ ଦୀର୍ଘ ୮ କିମି ପର୍ଯ୍ୟନ୍ତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ସୁରେଶ କୁମାର ଆଜାଦ ଯୋଗଦେଇ ମାରାଥନକୁ ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗିର ଜିଲ୍ଲାର ଡ଼ୋଲାମଣୀ ଚିନାଗୁନ ପ୍ରଥମ, କଳାହାଣ୍ଡିର ନିରିନ୍ଦ ଗହୀର ଦ୍ୱିତୀୟ, ସୋନପୁର ଜିଲ୍ଲାର ଦୟାନିଧି ମୁଣ୍ଡା ତୃତୀୟ ସେହିପରି ମହିଳା ବିଭାଗରେ ଦ୍ରୌପଦୀ ଛତ୍ରିଆ ପ୍ରଥମ, କେଶଲତା ପାଣ୍ଡେ ଦ୍ୱିତୀୟ, ଶିଳାନ୍ତି ସୁନା ତୃତୀୟ ସ୍ଥାନ ଅଧିକାର କରିଥିଲେ । ମାରାଥନ ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ଭରତ ରାଉତ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଅମିତ ଅହିର, କୋମନା ବ୍ଲକ ପୂର୍ବତନ କଂଗ୍ରେସ ସଭାପତି କୈଳାଶ ଚନ୍ଦ୍ର ବାଗ, ବିଧାନସଭା ଯୁବ କଂଗ୍ରେସ ଉପ ସଭାପତି ନରେନ୍ଦ୍ର ନାଗ, ବିରାଟ ତାଣ୍ଡି, ଛାତ୍ର କଂଗ୍ରେସ ଉପସଭାପତି ରାହୁଲ ଜାଲ, ଦେବା ଦୀକ୍ଷିତ, ସୋନୁ ପଟେଲ , ଏମ୍ ଡି ଇରସାଦ, ଉମା ବନଛୋର ପ୍ରମୁଖ ଯୋଗଦାନ କରିଥିଲେ।

● ମା' ଲଙ୍କେଶ୍ୱରୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ବଙ୍କାପଲାକୁ ହରାଇ ଝାରକୁଣ୍ଡାମାଲ ଚାମ୍ପିଅନ

**କୋକସରା,୧୨।୧(ସମିସ) :** କୋକସରା ବ୍ଲକ ଡାଲଗୁମା ବଡ଼ଭଟା ଖେଳପଡିଆରେ ଚାଲିଥିବା ମା' ଲଙ୍କେଶ୍ୱରୀ ସପ୍ତଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଶୁକ୍ରବାର ଫାଇନାଲ ଖେଳ ସହ ଉଦଯାପିତ ହୋଇଛି। ଫାଇନାଲ ଖେଳଟି ବଙ୍କାପଲା ଓ ଝାରକୁଣ୍ଡାମାଲ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଝାରକୁଣ୍ଡାମାଲ ଦଳ ୨/୦ ଗୋଲରେ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଖେଳ ଶିକ୍ଷକ ଶଙ୍କର ପୋଡ଼ ଓ ଜୟରାମ ନାଗ ଖେଳ ପରିଚାଳନା କରିଥିବାବେଳେ ଲାଇନ୍ ମେନ୍ ଭାବରେ ଜୟଦେବ ଯାଦବ କଟା ଏବଂ ଚିତ୍ତରଞ୍ଜନ ଠାକୁର ସହଯୋଗ କରିଥିଲେ। ଖେଳର ଧାରାବିବରଣୀ ଗୋବିନ୍ଦ ନାଏକ, ସୌମ୍ୟରଞ୍ଜନ ଦାସ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି କୃଷକ ମାର୍ଚ୍ଚା କାର୍ଯ୍ୟକାରୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ମୁଖ୍ୟବକ୍ତା ଜିଲ୍ଲା ଯାଦବ ମହିଳା ସଭାନେତ୍ରୀ ରଶ୍ମୀରେଖା ରାଉତ, ସମ୍ମାନିତ ଅତିଥି ସମାଜସେବୀ ମଧୁ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଜୟରାମ ଚଣ୍ଡି, ସ୍ଥାନୀୟ ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ, ରାମ ପ୍ରସାଦ ଧରୁଆ, ମହେନ୍ଦ୍ର ଧରୁଆ, ଜୟରାମ ନାଗ ପ୍ରମୁଖ ଯୋଗଦେଇ ଥିଲେ। ବିଜେତା ଓ ଉପବିଜେତା ଦଳକୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ମଞ୍ଚକୁ ଦିଗାମ୍ବର ବେମାଲ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ପବିତ୍ର ନାଗ, ସମ୍ପାଦକ ପ୍ରଫୁଲ୍ଲ ଚଣ୍ଡି, ଅମୋଜ ଧରୁଆ, ନମିସ୍ ପଟ୍ଟନାୟକ, ନିଲମଣି କଟା, ଧନମଣି କଟା, ଟିକମନ ଚଣ୍ଡି, ଚେୟାରମ୍ୟାନ ଖର୍ସେଲ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ରଜତ ବଂଶଲଙ୍କ କବିତା ସଂକଳନ 'ଅବ୍ୟକ୍ତ ଶବ୍ଦ' ଉନ୍ମୋଚିତ



**ବେହେରା,୧୨।୧(ସମିସ):** ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ କନଭେନସନ ସେଣ୍ଟର ପରିସରରେ ଆୟୋଜିତ କାଦମ୍ବିନୀ ସାହିତ୍ୟ ମହୋତ୍ସବରେ କଳାହାଣ୍ଡି ଜିଲ୍ଲା ବେହେରା ଗ୍ରାମର ଯୁବକବି ରଜତ ବଂଶଲଙ୍କ କବିତା ସଂକଳନ 'ଅବ୍ୟକ୍ତ ଶବ୍ଦ' ଉନ୍ମୋଚିତ ହୋଇଯାଇଛି। ଏଥିରେ କାଦମ୍ବିନୀର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ, କାଦମ୍ବିନୀର ସଂପାଦିକା ଡ. ଇତି ସାମନ୍ତ, ବିଶିଷ୍ଟ ଲେଖିକା ପ୍ରବସିନୀ ମହାକୁଡ଼, ଓ ଅପର୍ଣ୍ଣା ମହାନ୍ତି, ଜାତୀୟ ପୁରସ୍କାର ପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବହି ଉନ୍ମୋଚିତ କରିଥିଲେ। ଏଥିରେ କବି ଶ୍ରୀ ବଂଶଲଙ୍କ ସମେତ ତାଙ୍କ ଧର୍ମପତ୍ନୀ ନେହା ବଂଶଲ, ଯୁବ ଲେଖକ ସୁଧୀର କୁମାର ଧଙ୍ଗଡ଼ାମାଝୀ, ଡିଲେଶ୍ୱର ରଣା, ପୁସ୍ତକର ପ୍ରକାଶକ ସୁକାନ୍ତ ସାହୁଙ୍କ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଶିଷ୍ଟ ଲେଖକ ଲେଖିକାମାନେ ଉପସ୍ଥିତ ଥିଲେ। ଶ୍ରୀରୂପା ପକ୍ଷରୁ ପ୍ରକାଶିତ ଉକ୍ତ ପୁସ୍ତକରେ ମୋଟ ୨୬ଟି କବିତା ସ୍ଥାନୀତ ହୋଇଛି।

# ଜିଲ୍ଲା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ଉଦ୍‌ଘାଟିତ

**ବୋଡେନ,୧୨।୧(ସମିସ):** ଜିଲ୍ଲା ନିର୍ମାଣ ଶ୍ରମିକ ଛାତ୍ର ସଂଘର କାର୍ଯ୍ୟାଳୟ ଖଡ଼ିଆଳ ବ୍ଲକର ଖଡ଼ିଆଳ ଇନ୍ଦ୍ର ନଗରରେ ଉଦଘାଟନ ହୋଇଯାଇଛି। ଏହି ଉଦଘାଟନ ଶ୍ରମିକ ପରେଶ ବନ୍ଧିଛୋର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ଖଡ଼ିଆଳର ସୁନିଲ ଜଗତ ଓ ବୋଡ଼େନର ପିତାମ୍ବର କୁମାର କାର୍ଯ୍ୟକ୍ରମର ମୁଖ୍ୟ ଭୂମିକା ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପାଞ୍ଚୋଟି ବ୍ଲକରୁ ଶତାଧିକ ନିର୍ମାଣ ଶ୍ରମିକ, ପ୍ରବାସୀ ଶ୍ରମିକ, ମନରେଗା ଶ୍ରମିକ, କେନ୍ଦୁପତ୍ର ତୋଳିଲେ ଶ୍ରମିକ, ଉଠା ଦୋକାନୀ ଓ ଘରୋଇ ଶ୍ରମିକ ଯୋଗଦେଇଥିଲେ। ବ୍ରଜରାଜ ମାଝୀ, ଲକ୍ଷ୍ମୀଧର ନିଆଲ, ବୁଦ୍ଧଦେବ ବେହେରା, ବିଷ୍ଣୁ ରାଉତ, ନିରାକାର ରାଉତ, ଦୁଃଖ ପରୁଆ, ଅନିଲ ତାଣ୍ଡି, ବରୁଣ ମାଝୀ, ଉପସ୍ଥିତ ରହିଥିଲେ।

# ଜାତୀୟ ଯୁବ ଉତ୍ସବକୁ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୫ ମନୋନୀତ

**ଭବାନୀପାଟଣା,୧୨।୧(ସମିସ)**




ନାସିକଠାରେ ଜାତୀୟ ଯୁବ ଉତ୍ସବ-୨୦୨୪ ୧୨ରୁ ୧୬ ତାରିଖ ମଧରେ ଆରମ୍ଭ ହୋଇଥିବା ଜାତୀୟ ଉତ୍ସବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟିତ କରିବାର କାର୍ଯ୍ୟକ୍ରମ ରହିଥିବା ବେଳେ ସମଗ୍ର ଦେଶରୁ ୭୫୦୦ ଜଣ ଯୁବକ ଯୁବତୀ ଭାଗ ନେବାର କାର୍ଯ୍ୟକ୍ରମ ଅଛି। ଉକ୍ତ ଉତ୍ସବକୁ ଓଡିଶା ଏନ୍‌ଏସ୍‌ଏସ୍ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏନ୍‌ଏସ୍‌ଏସ୍ ଭୁବନେଶ୍ୱର ଦ୍ୱାରା ରାଷ୍ଟ୍ରୀୟ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟରୁ ଅନୁମୋଦିତ ୩୦ ଜଣ ଯୁବ ପ୍ରତିଭା ଭାଗ ନେବାର ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମକୁ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରୁ ସର୍ବମୋଟ ୫ ଜଣରୁ ୪ ଛାତ୍ରଛାତ୍ରୀ ଝାନସୀ ମିଶ୍ର, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଦୀପକ ରଞ୍ଜନ ବେହେରା ଓ ପ୍ରତ୍ୟୁଷ ବାଣୁଆ ମନୋନୀତ ହୋଇଥିବା ବେଳେ ସମଗ୍ର ଏନ୍‌ଏସ୍‌ଏସ୍ ଓଡିଶା ଦଳକୁ ପ୍ରତିନିଧିତ୍ୱ କରିବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ। ଏହି ସଫଳତା ପାଇଁ କୁଳପତି ପ୍ରଫେସର ସଞ୍ଜୟ ଶତପଥି, କୁଳସଚିବ ପୀତାମ୍ବର ଭୋଇ, ଉପ-କୂଳ ସଚିବ ଡ. ଜୟଦେବ ସାହୁ, ଏନ୍‌ଏସ୍‌ଏସ୍ ବ୍ୟୁରୋ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ସିପିଜିସି ଅଧକ୍ଷ ନିବେଦିତା ନାଥ, ପରୀକ୍ଷା ସ୍ୱତନ୍ତ୍ର ନିୟନ୍ତ୍ରକ ଡ. କୈଳାସ ଦାଶ, ଛବିଲାଲ ସାହୁ ଓ ଅନେକ ସହକର୍ମୀ ସ୍ୱାଗତ ଜଣାଇଛନ୍ତି।

● ଓଡ଼ିଶା ଏନ୍‌ଏସ୍‌ଏସ୍‌କୁ ପ୍ରତିନିଧିତ୍ୱ କରିବେ ପ୍ରତାପ

DADLS-76



ଓଡ଼ିଶା ସରକାର
ଓଡ଼ିଶାର ବରପୁତ୍ର
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୩.୦୧.୨୦୨୪

ସକାଳ – ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଜୟଦେବ ଭବନ ଅପରାହ୍ନ - ୩ ଘଟିକା
ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

ସନ୍ଧ୍ୟା ଘ. ୫.୩୦ ମିନିଟ ସାଧାରଣ ସଭା

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି – ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ, ମାନ୍ୟବର ସାଂସଦ, ବ୍ରହ୍ମପୁର,
ଶ୍ରୀମତୀ ପ୍ରମିଳା ବିଷୋୟୀ, ମାନ୍ୟବର ସାଂସଦ, ଆସିକା,
ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାନ୍ୟବର ବିଧାୟକ, ସୋରଡ଼ା
ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ, ମାନ୍ୟବର ବିଧାୟିକା, ଆସିକା
ଶ୍ରୀମତୀ ଲତିକା ପ୍ରଧାନ, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା, ମାନ୍ୟବର ବିଧାୟକ, ବ୍ରହ୍ମପୁର
ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା, ମାନ୍ୟବର ବିଧାୟକ, ଛତ୍ରପୁର
ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ – ଶ୍ରୀଯୁକ୍ତ ମହେଶ୍ୱର ବରାଡ଼, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
OIPR-15001/13/0249/2324

